## ସଂକ୍ଷେପରେ

### ଜଙ୍ଗଲରେ ଅବକାରୀ ଚଢ଼ାଉ

ଜୟପୁର, ୧୭।୧୦ (ପବନ ପାଣିଗ୍ରାହୀ)

ଜୟପୁର ବ୍ଲକ ଅନ୍ତର୍ଗତ ରତାଖଣ୍ଡି ଜଙ୍ଗଲରେ ମଙ୍ଗଳବାର ଅବକାରୀ କର୍ମଚାରୀ ଚଢ଼ାଉ କରି ୧୨୦ ଲିଟର ପୋଚ ଓ ୧୨୦ ଲିଟର ଦେଶୀ ମଦ ଜବତ କରି ନଷ୍ଟ କରିଛନ୍ତି। ତେବେ ପୂର୍ବ ସୂଚନା ପାଇ ମଦ ବ୍ୟବସାୟୀମାନେ ଫେରାର ହୋଇଯାଇଥିଲେ। କେବଳ ମଦରନ୍ଧା ସରଞ୍ଜାମ ଜବତ କରି କର୍ମଚାରୀମାନେ ଫେରିଥିବା ଜଣାପଡ଼ିଛି।

### ଘରେ ଘରେ କଂଗ୍ରେସ, ଘରେ ଘରେ ହାତ କାର୍ଯ୍ୟକ୍ରମ




ନାରାୟଣପାଟଣା, ୧୭।୧୦ (ରାଜ କିଶୋର ଜେନା)

ନାରାୟଣପାଟଣାର ୯ଟି ପଞ୍ଚାୟତରେ ମଙ୍ଗଳବାର କଂଗ୍ରେସ ପକ୍ଷରୁ ଘରେ ଘରେ କଂଗ୍ରେସ, ଘରେ ଘରେ ହାତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଏକ ଶୋଭାଯାତ୍ରା ବିଭିନ୍ନ ଗ୍ରାମ ପରିକ୍ରମା କରିଛି। ଏଥିରେ ବ୍ଲକ୍ ଉପାଧ୍ୟକ୍ଷା ରିନୁ ଦାସ ଓ ଜିଲା ସଭାପତି ଦୁର୍ଗା ଶଙ୍କର ସାହୁଙ୍କ ନେତୃତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ କର୍ମୀମାନେ ସାମିଲ ହୋଇଥିଲେ। ବିଜେଡି, ଭାଜପାର ପ୍ରତିଶ୍ରୁତି ଓ ପ୍ରତାରଣା, କୃଷି ଓ କୃଷକଙ୍କ ସମସ୍ୟା, ବେକାର ଯୁବତୀଯୁବକଙ୍କ ନିଯୁକ୍ତି ସମସ୍ୟା, ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ବ୍ୟବସ୍ଥା, ବସ୍ତି ବାସିନ୍ଦା ଓ ଗରିବ ବାସହୀନଙ୍କ ସମସ୍ୟା ନେଇ କଂଗ୍ରେସ ନେତୃବୃନ୍ଦ ଲୋକଙ୍କୁ ଅବଗତ କରାଇଥିଲେ। ରାଜ୍ୟରେ ବିଜେଡି ଓ କେନ୍ଦ୍ରରେ ଭାଜପା ସରକାର ସେମାନଙ୍କ ନିର୍ବାଚନ ଇସ୍ତାହାର ପାଳନ କରିବାରେ ବିଫଳ ହୋଇଛନ୍ତି। ଫଳରେ ପ୍ରତ୍ୟେକ ସାମଗ୍ରୀର ଅହେତୁକ ଦରଦାମ ବୃଦ୍ଧି ଲୋକଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗି ଦେଇଥିବା କଂଗ୍ରେସ ଅଭିଯୋଗ କରିଛି। ଏହି ଅବସରରେ ଜନସାଧାରଣଙ୍କୁ ପ୍ରଚାରପତ୍ର ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲା କଂଗ୍ରେସ ସଭାପତି ସାହୁଙ୍କ ସହ ପିସିସି ସଭ୍ୟ ଅଜିତ ଦାସ, ଜିଲା ସମ୍ପାଦକ ରମେଶ ଖରା, ଉପ ସଭାନେତ୍ରୀ ଦୀପାଞ୍ଜଳି ପିଡିକା, ନିମାଇଁ ସରକାର, ରାଜେନ୍ଦ୍ର ହୁଇକା, ଏମ୍‌ପି ପ୍ରତିନିଧି ସପନ ସରିତା ତୁରୁକ୍, ରବି ହବିକା, ଅନିଲ ସୁବୁଦ୍ଧି, ସୁରେନ୍ଦ୍ର କୁନିପିଲିଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ପ୍ରତିଭା ପ୍ରଦର୍ଶନରେ ପିଲାଙ୍କ ପାଇଁ ସୁରଭି ଭଲ ପ୍ଲାଟ୍‌ଫର୍ମ

କୋରାପୁଟ/ଦଶମନ୍ତପୁର/ବୈପାରିଗୁଡା, (ଅମିତାଭବେହେରା/ଅରବିନ୍ଦ ନାୟକ/ କଳ୍ପତରୁ ମହାନ୍ତି/ ପବନ ପାଣିଗ୍ରାହୀ) ୧୭।୧୦

କୋରାପୁଟ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ମଙ୍ଗଳବାର ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକର ୧୬ଟି କ୍ଲଷ୍ଟରରୁ ୩୨୬ ଜଣ ଛାତ୍ରୀଛାତ୍ର ଏଥିରେ ଭାଗ ନେଇଥିଲେ। ମୁଖ୍ୟଅତିଥି ରୂପେ ବ୍ଲକ ଅଧ୍ୟକ୍ଷା ନମିତା ମାଝୀ, ସମ୍ମାନିତ ଅତିଥି ରୂପେ ପ୍ରଧାନ ଶିକ୍ଷକ ରାଜେଶ ସାମର୍ଥ, ମୁଖ୍ୟବକ୍ତା ରୂପେ କେ.ଏଫ୍.ଏ.ର ସମ୍ପାଦକ ଶରତ ପଟ୍ଟନାୟକ ଯୋଗ ଦେଇଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ଜାନି ସଭାପତିତ୍ୱ କରିଥିଲେ। ସୁରଭି ପିଲାଙ୍କ ପ୍ରତିଭା ପ୍ରଦର୍ଶନରେ ବେଶ୍ ସହାୟକ ହୋଇଥାଏ। ସେମାନଙ୍କ ପାଇଁ ଏହା ଏକ ଭଲ ପ୍ଲାଟଫର୍ମ ବୋଲି ଅତିଥିମାନେ ପ୍ରକାଶ କରି ଆମ ପିଲାମାନେ ସବୁ କ୍ଷେତ୍ରରେ ସଫଳତା ହାସଲ କରନ୍ତୁ ବୋଲି କାମନା କରିଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶିବ ପ୍ରସାଦ ରଥ ସମସ୍ତ କାର୍ଯ୍ୟ ତଦାରଖ କରିଥିଲେ। ବାଳିକା ଉଚ୍ଚ ବିଦ୍ୟାଳୟର ଦୁଇଜଣ ଛାତ୍ରୀ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଏଥିରେ ପ୍ରଥମ ସ୍ଥାନ ହାସଲ କରିଥିବା ବିଭିନ୍ନ ବିଭାଗର ପ୍ରତିଯୋଗୀ ନଭେମ୍ବର ପ୍ରଥମ ସପ୍ତାହରେ ହେବାକୁ ଥିବା ଜିଲାସ୍ତରୀୟ ସୁରଭିରେ ଭାଗ ନେବେ। ହର ମିଶ୍ର, ତ୍ରିଲୋକେଶ ପଣ୍ଡା,ସୁବୋଧ ମାଝୀ, ବାସୁଦେବ ଦାସ, ଲୁଙ୍ଗୁରି ଶଙ୍କର ପରିଚାଳନା କରିଥିଲେ। ସିଆର୍‌ସିସି ପ୍ରଦୀପ ପାତ୍ର ସହଯୋଗ କରିଥିଲେ। ଏବିଇଓ ଯସନ୍ ବେନ୍ୟା ଧନ୍ୟବାଦ ଦେଇଥିଲେ।



ସୁରଭି କାର୍ଯ୍ୟକ୍ରମରେ କୋରାପୁଟରେ ମଞ୍ଚାସୀନ ଅତିଥି ।

ସେହିପରି ଦଶମନ୍ତପୁର ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟଠାରେ ଚାଲିଥିବା ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଉଦ୍‌ଯାପିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ଦୟାସିନ୍ଧୁ ବାଘଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଆଇଏଏସ୍ ଅଧିକାରୀ ସୌମ୍ୟ ରଞ୍ଜନ ପ୍ରଧାନ, ସମ୍ମାନିତ ଅତିଥି ଭାବେ ବ୍ଲକ ସଭାପତି ବାସ ପ୍ରଧାନୀ, ପୋଡ଼ାଗଡ ସଭାପତି ସୁନୀଲ ଟାକ୍ରି, ଏବିଇଓ ମନ୍ମଥ ମାଣ୍ଡାଙ୍ଗି, ନରେଶ ଚନ୍ଦ୍ର ସ୍ୱାଇଁ ଉପସ୍ଥିତ ଥିଲେ। ସୁନାଧର ସାଗର, ଚଣାବାଡ଼ କ୍ଲଷ୍ଟରର ଦୁର୍ଯ୍ୟୋଧନ ସାଗର, ମଧୁସୂଦନ ପାତ୍ର, ଅମିତ୍ ତୁରୁକଙ୍କ ସମେତ ୧୬ଟି ପଞ୍ଚାୟତର ୧୩ଟି କ୍ଲଷ୍ଟରର ବିଭିନ୍ନ ବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଏହି ଅବସରରେ ମହିଳା ସଶକ୍ତୀକରଣକୁ ନେଇ ଛାତ୍ରୀଛାତ୍ରମାନେ ନାଟକ ଏବଂ ନୃତ୍ୟ ପରିବେଷଣ କରିଥିଲେ। କ୍ଲଷ୍ଟରସ୍ତରୀୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଅନିଲ ମହାପାତ୍ର, ଗଣେଶ ଚନ୍ଦ୍ର ମଲ୍ଲିକ ପରିଚାଳନା କରିଥିଲେ।

ବୈପାରିଗୁଡା ସରକାରୀ ନୋଡାଲ ହାଇସ୍କୁଲ ମିନି ଷ୍ଟେଡିୟମ୍‌ଠାରେ ମଧ୍ୟ

### ବ୍ଲକସ୍ତରୀୟ ସୁରଭି

ମଙ୍ଗଳବାର ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ବ୍ଲକର ବିଭିନ୍ନ ଗୋଷ୍ଠୀ ସାଧନ କେନ୍ଦ୍ରସ୍ତରରୁ ମନୋନୀତ ଛାତ୍ରୀଛାତ୍ରମାନେ ଯୋଗ ଦେଇଥିଲେ। ଗୋଷ୍ଠୀ ଶିକ୍ଷାଧିକାରୀ ସୁକାନ୍ତ କାର୍ତ୍ତାମୀ, ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ ଗୁପ୍ତା, ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ କନକ ମଞ୍ଜରୀ ଭଦ୍ରା, ବ୍ଲକ ଉପାଧ୍ୟକ୍ଷା ପୂର୍ଣ୍ଣିମା ବାରିକ,ସମିତିସଭ୍ୟା ମଞ୍ଜୁଲତା ପଟ୍ଟନାୟକ ଅତିଥି ରୂପେ ଯୋଗ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରବନ୍ଧ, ବକ୍ତୃତା, କୁଇଜ୍ ଓ ସାଂସ୍କୃତିକ ପ୍ରତିଯୋଗିତା ହୋଇଥିଲା। ନାରୀ ସଶକ୍ତୀକରଣ ଉପରେ ଆଧାରିତ ନୃତ୍ୟ ଓ ନାଟକ ଆକର୍ଷଣୀୟ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

ଜୟପୁର ନେହେରୁ ନଗରସ୍ଥିତ ସିଟି ହାଇସ୍କୁଲ ପରିସରରେ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଜୟପୁର ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଅଧୀନସ୍ଥ ୧୫ଟି କ୍ଲଷ୍ଟରର ୩ ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଉଦଘାଟନୀ ଉତ୍ସବରେ ଗୋଷ୍ଠୀ ଶିକ୍ଷାଧିକାରୀ ଚନ୍ଦନ ନାୟକଙ୍କ ସଭାପିତ୍ୱ କରିଥିଲେ। ମୁଖ୍ୟ ଅତିଥି ରୂପେ ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୁରେନ୍ଦ୍ର ପଟ୍ଟନାୟକ, ସମ୍ମାନିତ ଅତିଥି ସିଟି ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ବି. ସୁଜତା, ଜିଲା ଶିକ୍ଷା ପ୍ରଶିକ୍ଷଣ ଅନୁଷ୍ଠାନର ଅଧ୍ୟକ୍ଷ ରୁପ ଚାନ୍ଦ ସୋରେନ, ଜଗଦିଶ ଚନ୍ଦ୍ର ନାୟକ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉପେନ୍ଦ୍ର ଦୀପ, ପୂର୍ବତନ ଏବିଇଓ ହରିଶ ରାଓ, ପୂର୍ବତନ ପ୍ରଧାନଶିକ୍ଷକ ଲକ୍ଷ୍ମୀକାନ୍ତ ପାଢୀ, ଅତିରିକ୍ତ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର ଶତପଥୀ, ପୌର କାର୍ଯ୍ୟନିର୍ବାହୀ ଅଧିକରୀ ସିଦ୍ଧାର୍ଥ ପଟ୍ଟନାୟକ, ସିଟି ହାଇସ୍କୁଲ ଏସଏମସି ସଭାପତି ଆର୍କିଲୁ ଶ୍ରିନିବାସ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। କୃତୀ ଛାତ୍ରୀଛାତ୍ରମାନେ ଜିଲାସ୍ତରୀୟ ସରୁଭିରେ ଭାଗ ନେବେ । ଶିକ୍ଷକ ସଂଘ ସଭାପତି ଦେବୀ ପ୍ରସାଦ ଦାସଙ୍କ ସହ ଶିକ୍ଷୟିତ୍ରୀ ଶିକ୍ଷକ ମାନେ ସହଯୋଗ କରଥିଲେ।



ବୈପାରିଗୁଡା ଓ ଦଶମନ୍ତପୁରରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

## କୁନ୍ଦୁରାରେ ସୁରଭି

### ସୁରଭି ଏବଂ ଓଡ଼ିଶା ମିଲେଟ ମିଶନ ପ୍ରତିଯୋଗିତା

କୁନ୍ଦୁରା,୧୭।୧୦ (ସନ୍ତୋଷ ପ୍ରହରାଜ)

କୁନ୍ଦୁରା ବ୍ଲକ ସଦରସ୍ଥିତ ଶ୍ରୀଅରବିନ୍ଦ ଶିକ୍ଷାନିକେତନ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ବ୍ଲକ୍‌ସ୍ତରୀୟ ସୁରଭି ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବ୍ଲକ୍ ଶିକ୍ଷା ଅଧିକାରୀ ତିଳୋତ୍ତମା ଗରଡ଼ା,ସମ୍ମାନିତ ଅତିଥି ଭାବେ ଜିଲା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ତ୍ରିନାଥ ହରିଜନ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପପେୟା ବେହେରା, ମାଧବ ସାରକା, ଶ୍ରୀଅରବିନ୍ଦ ଶିକ୍ଷାନିକେତନ ପ୍ରଧାନ ଶିକ୍ଷୟିତ୍ରୀ ପ୍ରଭାତୀ ସେଠୀ ଉପସ୍ଥିତ ଥିଲେ। କୁନ୍ଦୁରା ବ୍ଲକର ୯ଟି କ୍ଲଷ୍ଟରରୁ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ଭାଗ ନେଇଥିଲେ। ଛାତ୍ରୀଛାତ୍ରମାନେ ବକ୍ତୃତା, ରଚନା, କୁଇଜ୍, ବିତର୍କ, ଚିତ୍ରାଙ୍କନ, ସଙ୍ଗୀତ, ନୃତ୍ୟ, ଶ୍ରୁତଲିଖନ ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବେହେରା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ବ୍ଲକ୍ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗରଡ଼ା ଏବଂ ସମ୍ମାନିତ ଅତିଥି ଭାବେ ଜିଲା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ତ୍ରିନାଥ ହରିଜନ, ଜିଲା ପରିଷଦ ସଭ୍ୟା କନକଲତା ପେଣ୍ଠିଆ,ସରପଞ୍ଚ ଲବ ପରଜା, ସମିତିସଭ୍ୟ ଦାମୋଦର ଗଣ୍ଡା, ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ତ୍ରିନାଥ ପଣ୍ଡା, ସମ୍ପାଦକ କେ. କୃଷ୍ଣ ମୋହନ ରାଓ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମାଧବ ସାରକା, ପ୍ରଧାନ ଶିକ୍ଷକ ଲାଛନାଗୁଡ଼ା ସରୋଜ ପାଢ଼ୀ, ପ୍ରଧାନ ଶିକ୍ଷୟିତ୍ରୀ ସେଠୀ, ଏସ୍‌ଏମ୍‌ସି ସଭାପତି ପ୍ରଦୀପ ନାୟକ ପ୍ରମୁଖ ଯୋଗଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

# କ୍ଷତ୍ରିୟ, ଖଣ୍ଡାୟତ, ପାଇକ ସମାଜର ସମାବେଶ

କୋରାପୁଟ /ଲକ୍ଷ୍ମୀପୁର ୧୭।୧୦ (ଅମିତାଭ ବେହେରା /ଅନନ୍ତ ନାୟକ)

କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକ କାକିରିଗୁମା ପାଇକ ସମାଜର ଆହ୍ୱାନକ୍ରମେ ଅବିଭକ୍ତ କୋରାପୁଟ ଜିଲାର କ୍ଷତ୍ରିୟ, ଖଣ୍ଡାୟତ, ପାଇକ ସମାଜର ଏକ ସମାବେଶ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଏଥିରେ ଅବିଭକ୍ତ କୋରାପୁଟ ଜିଲାରୁ ବହୁ ସଂଖ୍ୟାରେ ମହିଳା ପୁରୁଷ ଯୋଗ ଦେଇଥିଲେ। କାକିରିଗୁମାର ଦମନଯୋଡି ଛକଠାରୁ ଏକ ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା କରି ଜଗନ୍ନାଥ ମନ୍ଦିର, ବଡ଼ ଦେବତା ମନ୍ଦିର, ଠାକୁରାଣୀ ମନ୍ଦିରରେ ପୂଜାର୍ଚ୍ଚନା କରି ପୁରୁଣା ହାଟପଦାସ୍ଥିତ ସଭା ସ୍ଥଳରେ ପହଞ୍ଚିଥିଲେ। ରାଜରାଜୁଡ଼ା ଅମଳରୁ ପୂଜାହୋଇ ଆସୁଥିବା ଖଣ୍ଡାକୁ ସଭାମଣ୍ଡପରେ ପୂଜା କରିଥିଲେ। ଜିଲା ସଭାପତି ମୋହନ ପାତ୍ର ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ଦୁର୍ଯ୍ୟୋଧନ ଲମତା, ଉପସଭାପତି ଶ୍ରୀକାନ୍ତ ରାୟ ଏବଂ ଉପସ୍ଥିତ ଅତିଥିମାନଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ମଞ୍ଚାସୀନ ଅତିଥିମାନେ ନିଜ ପରମ୍ପରାକୁ ବଞ୍ଚାଇ ରଖି ସୁସ୍ଥ ସମାଜ ଗଠନରେ ଯୁବପିଢ଼ି ବ୍ରତୀ ହେବାକୁ ପରାମର୍ଶ ଦେଇଥିଲେ। କିଛି ଦିନ ତଳେ ନବରଙ୍ଗପୁର ଗସ୍ତରେ ୫-ଟି ସଚିବ ଭି.କେ. ପାଣ୍ଡିଆନ ଆସିଥିବା ବେଳେ ନବରଙ୍ଗପୁର ଖଣ୍ଡର ପାଇକ କ୍ଷତ୍ରିୟ ସଙ୍ଗଠନ ପକ୍ଷରୁ ବିଭିନ୍ନ ଦାବି ସମ୍ବଳିତ ଏକ ଦାବିପତ୍ର ତାଙ୍କୁ ପ୍ରଦାନ କରାଯାଇଥିଲା। ଏଯାଏ କୌଣସି ଦାବି ପୂରଣ ହୋଇ ନ ଥିବାରୁ ପାଇକ ସମାଜର ନବରଙ୍ଗପୁର ପାଇକ କ୍ଷେତ୍ରୀୟ ସଙ୍ଗଠନ ଉପସଭାପତି ଲକ୍ଷ୍ମଣ ନାୟକ ଅସନ୍ତୋଷ ପ୍ରକାଶ କରିଥିଲେ। ଜଗନ୍ନାଥ ପ୍ରଧାନୀ,ଗୋବିନ୍ଦ ପ୍ରଧାନୀ, ପ୍ରଭାକର ପାତ୍ର, ହରି ପୂଜାରୀ, କର୍ଣ୍ଣ ଲାମତା, ଚତୁର୍ଭୁଜ ବୈଦ୍ୟ, ସତ୍ୟ ବୈଦ୍ୟ, ଭାସ୍କର ସିଂ, ସନ୍ତୋଷ ପାତ୍ର ପ୍ରମୁଖ ପରିଚାଳନା କରିଥିଲେ।


କ୍ଷତ୍ରିୟ, ଖଣ୍ଡାୟତ, ପାଇକ ସମାଜର ଶୋଭାଯାତ୍ରା ସହର ପରିକ୍ରମା କରୁଛି।

## ନିକ୍ଷୟ ମିତ୍ରଙ୍କୁ ସମ୍ବର୍ଦ୍ଧନା

କୁନ୍ଦୁରା,୧୭।୧୦ (ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ରେଡକ୍ରସ ସୋସାଇଟି ଆନୁକୂଲ୍ୟରେ ନିକ୍ଷୟମିତ୍ରମାନଙ୍କୁ ମଙ୍ଗଳବାର ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏନେଇ ଅନୁଷ୍ଠିତ ଉତ୍ସବରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡା. ଶୁଭ ପ୍ରସାଦ ସାହୁ ଅଧ୍ୟକ୍ଷତା କରିଥିଲେ। ରେଡକ୍ରସ ପକ୍ଷରୁ ପ୍ରଦତ୍ତ ଖାଦ୍ୟ ସାମଗ୍ରୀକୁ ୩୦ଜଣ ଯକ୍ଷ୍ମାରୋଗୀଙ୍କୁ ବିତରଣ କରାଯାଇଥିଲା। ନିକ୍ଷତ୍ର ମିତ୍ରମାନେ ଗରିବ ଯକ୍ଷ୍ମା ରୋଗୀଙ୍କ ପ୍ରତି ଯେପରି ସମବେଦନା ଜଣାଇ ଖାଦ୍ୟପାନୀୟ ସାମଗ୍ରୀ ପ୍ରଦାନ କରି ସହାୟତାର ହାତ ବଢ଼ାଇଛନ୍ତି ସେମାନଙ୍କ ମହାନତା ପାଇଁ ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡା. ସାହୁ ପ୍ରଶଂସା କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ଯକ୍ଷ୍ମା ରୋଗ ସମ୍ପର୍କରେ ବୁଝାଇ ଏହାର ନିରାକରଣ ନିମନ୍ତେ ସରକାରଙ୍କ ପକ୍ଷରୁ ମିଳୁଥିବା ମାଗଣା ଚିକିତ୍ସା ଓ ପୁଷ୍ଟିକର ଖାଦ୍ୟ ଲାଗି ଅର୍ଥ ସହାୟତା ସମ୍ପର୍କରେ ଅବଗତ କରାଇଥିଲେ। ଶ୍ରୀ ଅରବିନ୍ଦ ଶିକ୍ଷା ନିକେତନ ଜୁନିୟର ରେଡକ୍ରସର ବ୍ଲକ ସଂଯୋଜିକା ଭାନୁମତୀ ଖରା, କାଉନସିଲର ଧରଣୀଧର ଧୀବର ଓ ଅନ୍ୟ ନିକ୍ଷୟମିତ୍ରମାନଙ୍କୁ ଉତ୍ତରୀୟ ଓ ପ୍ରମାଣପତ୍ର ପ୍ରଦାନ କରି ଡ଼ା ସାହୁ ସମ୍ମାନିତ କରିଥିଲେ।

# ପଟ୍ଟା ପାଇଁ ପୌର ପ୍ରଶାସନର ଦ୍ୱାରସ୍ଥ ହେଲେ ସାହିବାସିନ୍ଦା


ସାହିବାସିନ୍ଦା ନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ଦେଉଛନ୍ତି।

ଜୟପୁର, ୧୭।୧୦ (ପବନ ପାଣିଗ୍ରାହୀ)

ଜୟପୁର ପୌରାଞ୍ଚଳର ଖ୍ରୀଷ୍ଟିଆନ ସାହିବାସିନ୍ଦା ମଙ୍ଗଳବାର ସେମାନଙ୍କୁ ପଟ୍ଟା ଦେବାକୁ ଦାବିକରି ପୌରପାଳିକାର ଦ୍ୱାରସ୍ଥ ହୋଇଛନ୍ତି। ସେମାନେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକଙ୍କୁ ଦାବିପତ୍ର ଦେଇଛନ୍ତି । ଯାହାର ଜମି ଜାଗା ନାହିଁ ତାକୁ ପଟ୍ଟାଦେବା ପାଇଁ ନିୟମ ରହିଛି। ସେହି ନିୟମ ଆଧାରରେ ପଟ୍ଟା ଦେଲେ ଘର କରିବାକୁ ସୁବିଧା ହେବ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବିପତ୍ର ପ୍ରଦାନ ସମୟରେ ଜନନୀ ନନ୍ଦ, ମହିୟମ ବାହାଦୁର, ସଞ୍ଜୀବ ବାଘ, ସ୍ୱପ୍ନାରାଣୀ ଧନଫୁଲ ପ୍ରମୁଖ ଉପସ୍ଥିତ ଥିଲେ।

# ୩ ଗିରଫ, ଚେକ୍ ବୁକ୍, ଲାପ୍‌ଟପ, ସୁଇପ ମେଶିନ ଜବତ

ଜୟପୁର, ୧୭।୧୦ (ପବନ ପାଣିଗ୍ରାହୀ)

### ସାଇବର ଠକେଇ ମାମଲାର ପର୍ଦ୍ଦାଫାଶ

ଜୟପୁର ସଦର ପୋଲିସ ଏକ ସାଇବର ଠକେଇ ମାମଲାର ମଙ୍ଗଳବାର ପର୍ଦ୍ଦାଫାଶ କରିଛି। ଜାଲ ଦସ୍ତାବିଜ କରି ଆକାଉଣ୍ଟ ଖୋଲିବା ଓ ଲୋକଙ୍କୁ ଠକିବା ଅଭିଯୋଗରେ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ସେମିଳିଗୁଡାର ବଳରାମ ଦାସ (୪୨) ଭୁବନେଶ୍ୱରର ସତ୍ୟ ରଞ୍ଜନ ସାହୁ (୩୩) ଖୋର୍ଦ୍ଧାର ରାଜୀବ ପ୍ରସାଦ (୪୨) । ଗିରଫ ଅଭିଯୁକ୍ତଙ୍କଠାରୁ ଲ୍ୟାପଟପ, ଟେବ, ପେନ ଡ୍ରାଇଭ୍, ମେମୋରି କାର୍ଡ, ବାୟୋମାଟ୍ରିକ ଡିଭାଇସ, ମୋବାଇଲ ଫୋନ, ୨୩ ହଜାର ୫ ଶହ ଟଙ୍କା, ଦୁଇ ଚକିଆ ଗାଡି, ଚେକ ବୁକ୍, ସୁଇପ ମେଶିନ, ଟଙ୍କା ଗଣିବା ମେଶିନ ଆଦି ଜବତ ହୋଇଥିବା ଥାନା ପରିସରରେ ଏକ ଖବରଦାତା ସମ୍ମିଳନୀରେ ଏସଡିପିଓ ହରିସ ବିସି, ଥାନା ଅଧିକାରୀ ଈଶ୍ୱର ତାଣ୍ଡି କହିଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ସଦର ଥାନା ଅନ୍ତର୍ଗତ କାଳିଆ ଗାଁର ରଞ୍ଜନ ହରିଜନ ଅଭିଯୋଗ କରିଥିଲେ, ସେମିଳିଗୁଡାର ବଳରାମ ମାଗଣାରେ ଋଣ କରିଦେବାକୁ କହି ପ୍ରଥମେ ତାଙ୍କୁ ବ୍ୟାଙ୍କରେ ଆକାଉଣ୍ଟ ଖୋଲିବାକୁ କହି ତାଙ୍କ ଆଧାର କାର୍ଡ, ଫଟୋ ଆଦି ମାଗି ନେଇ ଆଇସିଆଇସିଆଇ ବ୍ୟାଙ୍କରେ ଜମାଖାତା ଖୋଲିଥିଲେ। ପରେ ଉକ୍ତ ଖାତାରେ ବେଆଇନ ଟଙ୍କା କାରବାର ହେଉଥିବା ନେଇ ରଞ୍ଜନ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଆଇସିଆଇସିଆଇ ବ୍ୟାଙ୍କରେ ଆକାଉଣ୍ଟ ତନଖି କରିଥିଲା। ସେହି ଆକାଉଣ୍ଟରେ ଗୋଟିଏ ଦିନରେ ୧ କୋଟି ୨୦ ଲକ୍ଷ ଟଙ୍କାର କାରବାର ହେଉଥିବା ବେଳେ ସେପ୍ଟେମ୍ବର ୨୭ରୁ ଅକ୍ଟୋବର ୩ ମଧ୍ୟରେ ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର କାରବାର ହୋଇଥିବା ଜାଣିବା ପରେ ପୋଲିସ ଉକ୍ତ ଆକାଉଣ୍ଟକୁ ସିଜ କରିଥିଲା। ଏହି ସମୟରେ ସେଥିରେ ୧୪ ଲକ୍ଷ ୯୭ ହଜାର ଟଙ୍କା ଥିଲା। ପରେ ପୋଲିସ ପ୍ରଥମେ ସେମିଳିଗୁଡାର ବଳରାମଙ୍କ ନିକଟରେ ପହଞ୍ଚି ବ୍ୟାଙ୍କ ଖାତା ସବୁ ଜବତ କରିଥିଲା। ବଳରାମଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲା। ବଳରାମଙ୍କ ସୂଚନା ଆଧାରରେ ପୋଲିସ ଭୁବନେଶ୍ୱରରୁ ଅନ୍ୟ ଦୁଇ ଅଭିଯୁକ୍ତ ସତ୍ୟ ରଞ୍ଜନ ଓ ରାଜୀବ ପ୍ରସାଦଙ୍କୁ ଗିରଫ କରିଥିଲା। ଏମାନେ ଲୋକଙ୍କ ପାଖକୁ ଯାଇ ମାଗଣାରେ ଦେଢ ଲକ୍ଷ ଟଙ୍କା ଋଣ କରିଦେବାକୁ ବୁଝାଇ ପ୍ରଥମେ ବ୍ୟାଙ୍କ ଖାତା ଖୋଲିବାକୁ କହି ସେମାନଙ୍କ ଆଧାର କାର୍ଡ , ଫୋନ ନମ୍ବର ଆଣି ଆଇସିଆଇସିଆଇ ବ୍ୟାଙ୍କରେ ଖାତା ଖୋଲିବେ । ପରେ ଜମା ଖାତା, ଆଧାର କାର୍ଡ ନେଇ ଚାଲିଯାଇ ପରେ ସେମାନେ ଉକ୍ତ ଆଧାର କାର୍ଡରେ ସିମ୍ କ୍ରୟ କରି ଅନ୍ୟମାନଙ୍କୁ ବିଭିନ୍ନ ଉପାୟରେ ଠକୁଥିଲେ । କାହାକୁ ଲଟେରି ଫୁଟିଛି, କାହାକୁ ଅନ୍‌ଲାଇନରେ କାମ ଦେବାକୁ ପ୍ରଲୋଭିତ କରି ଖୋଲାଯାଇଥିବା ଆକାଉଣ୍ଟରେ ଅର୍ଥ କାରବାର କରନ୍ତି। ଅର୍ଥ କାରବାର ହେବା ପରେ ସେମାନେ ସିମ୍‌କୁ ବ୍ଲକ କରି ଦେଇଥାନ୍ତି ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି । ଗିରଫ ଅଭିଯୁକ୍ତଙ୍କୁ ୨୪ ଘଣ୍ଟିଆ ରିମାଣ୍ଡରେ ଆଣି ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବା ଲାଗି ଯୋଜନା କରାଯାଉଥିବା ଏସଡିପିଓ ବିସି, ଥାନା ଅଧିକାରୀ ତାଣ୍ଡି କହିଛନ୍ତି।


ଖବରଦାତା ସମ୍ମିଳନୀରେ ପୋଲିସ ଅଧିକାରୀମାନେ ସୂଚନା ଦେଉଛନ୍ତି।

# ଭଲ ଖେଳାଳି ତିଆରି କରିବାରେ ସହାୟକ ହେବ

- ଆୟୋଜନ କରିଛି ସ୍ୱତନ୍ତ୍ର ଉନ୍ନୟନ ପରିଷଦ
- ଉଦ୍‌ଘାଟନୀ ମ୍ୟାଚ ଜିତିଲେ ଫୁଟ୍‌ବଲରେ ୩, ଭଲିବଲରେ ୮ ଦଳ

କୋରାପୁଟ,୧୭।୧୦(ଅମିତାଭ ବେହେରା )

କୋରାପୁଟ ପୋଲିସ ପଡ଼ିଆଠାରେ ମଙ୍ଗଳବାର ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପକ୍ଷରୁ ଆୟୋଜିତ ଜିଲାସ୍ତରୀୟ ଫୁଟ୍‌ବଲ୍ ଓ ଭଲିବଲ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ସମାରୋହରେ ବିଧାୟକ ରଘୁରାମ ପଡାଲ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଏସ୍‌ଡିସି କପ୍ ଟୁର୍ନାମେଣ୍ଟର ଶୁଭାରମ୍ଭ କରିଥିଲେ। କ୍ରୀଡ଼ା ଅଧିକାରୀ ଜ୍ଞାନଜିତ୍ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ଉତ୍ସବରେ ଏସ୍‌ଡିସି ଅଧ୍ୟକ୍ଷ ଚନ୍ଦ୍ରଶେଖର ମାଝି ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥି ରୂପେ କେସିସି ବ୍ୟାଙ୍କ୍ ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝି, ଉପଜିଲାପାଳ ବେଣୁଧର ଶବର ଉପସ୍ଥିତ ଥିଲେ। ଏସ୍‌ଡିସି ସଭ୍ୟ ଜିଲା ପରିଷଦ ସଭ୍ୟା ପାର୍ବତୀ ମନ୍ତ୍ରୀ, ଜିଲା ପରିଷଦର ପୂର୍ବତନ ଅଧ୍ୟକ୍ଷା ତୁଳସୀ କିରଶାନି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୋରାପୁଟ ଜିଲାର ଖେଳାଳିଙ୍କ ପାଇଁ ପ୍ରଥମେ ପଞ୍ଚାୟତସ୍ତରୀୟ, ବ୍ଲକସ୍ତରୀୟ ଏବଂ ଜିଲାସ୍ତରୀୟ ପ୍ରତିଯୋଗିତା କରି ଖେଳାଳିଙ୍କୁ ଉତ୍ସାହିତ କରିବା ଏକ ଭଲ ପଦକ୍ଷେପ ବୋଲି ମୁଖ୍ୟ ଅତଥି ବିଧାୟକ ପଡାଲ କହିଥିଲେ। ଏହାଦ୍ୱାରା ଗ୍ରାମାଞ୍ଚଳ ଖେଳାଳିଙ୍କ ପ୍ରତିଭା ଲୋକଲୋଚନକୁ ଆଣିବାରେ ସହାୟକ ହେବ ବୋଲି ସେ କହିଥିଲେ। ଏସ୍‌ଡିସି ଅଧ୍ୟକ୍ଷ ମାଝି କହିଥିଲେ, ଆଦିବାସୀ ଯୁବକମାନଙ୍କ ପ୍ରତିଭାର ବିକାଶ ଦିଗରେ ରାଜ୍ୟ ସରକାରଙ୍କ ଏପରି ପଦକ୍ଷେପ ଭଲ ଖେଳାଳି ତିଆରି କରିବାରେ ସହାୟକ ହେବ। ସେହି ଖେଳାଳିମାନେ ଆଗାମୀ ଦିନରେ ରାଜ୍ୟକୁ ଗୌରବାନ୍ୱିତ କରିବେ ବୋଲି ଆଶା ପ୍ରକାଶ କରିଥିଲେ। ଏହି ଟୁର୍ନାମେଣ୍ଟରେ କୋରାପୁଟ ଜିଲାର ୧୪ଟି ବ୍ଲକର ଫୁଟ୍‌ବଲ୍ ଓ ଭଲିବଲ୍ ଦଳ ଭାଗ ନେଇଛନ୍ତି। ମଙ୍ଗଳବାର ଫୁଟ୍‌ବଲ୍ ମ୍ୟାଚ୍ କୋଟପାଡ ସହ ଲମତାପୁଟ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ହୋଇଥିଲା। ଏଥିରେ କୋଟପାଡକୁ ୧-୦ ହରାଇ ଲମତାପୁଟ ବିଜୟୀ ହୋଇଥିଲା, ଦ୍ୱିତୀୟ ମ୍ୟାଚ ବୋରିଗୁମ୍ମା ଓ ନାରାୟଣପାଟଣା ପରସ୍ପରକୁ ଭେଟିଥିଲେ। ଏଥିରେ ୧-୦ରେ ବୋରିଗୁମ୍ମା ବିଜୟୀ ହୋଇଥିଲା। ତୃତୀୟ ମ୍ୟାଚରେ ଜୟପୁର ନନ୍ଦପୁରକୁ ଭେଟିଥିଲା। ଏଥିରେ ୩-୦ରେ ନନ୍ଦପୁର ବିଜୟୀ ହୋଇଥିଲା। ଏହି ଟୁର୍ନାମେଣ୍ଟ ଅକ୍ଟୋବର ୧୯ଯାଏ ୩ ଦିନ ଧରି ଚାଲିବ। ଏଥିରେ ଯେଉଁ ଦଳ ଭଲ ଖେଳ ପ୍ରଦର୍ଶନ କରି ଚାମ୍ପିୟନ ହେବେ ସେଇ ଦଳକୁ ଉଦ୍‌ଯାପନୀ ଦିବସରେ ଟ୍ରଫି ସହ ପୁରସ୍କୃତ କରାଯିବ। ସେହିପରି ଭଲିବଲରେ ୧୬ଟି ଦଳ ମଧ୍ୟରେ ମ୍ୟାଚ ହୋଇଥିଲା। ୮ଟି ଦଳ କୋରାପୁଟ, ବୋରିଗୁମ୍ମା, ପଟ୍ଟାଙ୍ଗି, ଦଶମନ୍ତପୁର, ଜୟପୁର, ସେମିଳିଗୁଡା, କୁନ୍ଦୁରା, ଲକ୍ଷ୍ମୀପୁର ବିଜୟୀ ହୋଇଥିଲେ। ଭୀମା ବେହେରା, ଗୁପ୍ତେଶ୍ୱର ସାହୁ, ବିଦୁର ଜାନି, ତ୍ରିପାଠୀ ରାଓ, ସନ୍ଦୀପ ଗଡନାୟକ, ଧନୁର୍ଜୟ ଖିଲୋ, ବିପୁଳ ବିଦ୍ୟାଧର, ସହଦେବ ମୁଚେମ୍, ଅମିତ କୁମାର ସ୍ୱାଇଁ ଦୁର୍ଗାପ୍ରସାଦ ପରିଡା, ଅଶ୍ୱିନୀ ସାହୁ, ଲାଲଟେନ୍ଦୁ ପୂଜାରୀ, ପୂର୍ବ ମୁଦୁଲି ରେଫରି ଭାବେ ଦାୟିତ୍ୱ ତୁଲାଇଥିଲେ।



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

**ସଂକ୍ଷେପରେ**

## ଆଇନ ସଚେତନତା ଶିବିର



ମୁନିଗୁଡ଼ା, ୧୭।୧୦(ରାଧେଶ୍ୟାମ ଅଗ୍ରୱାଲ)

ରାୟଗଡ଼ା ଜିଲ୍ଲା ବିଷମକଟକ ତାଲୁକ୍ ଆଇନ୍ ସେବା କମିଟି ପକ୍ଷରୁ ଯୌନ ନିଯ୍ୟାତନା ନିବାରଣ ଅଧିନିୟମ ବିଷୟରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ମୁନିଗୁଡ଼ା ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମକୁ ତାଲୁକ୍ ଆଇନ ସେବା କମିଟି ଅଧ୍ୟକ୍ଷ ତଥା ସ୍ଥାନୀୟ କୋର୍ଟ ବରିଷ୍ଠ ଦେୱାନୀ ବିଚାରପତି ତଥା ସହକାରୀ ଦୌରା ଜଜ୍ ପବିତ୍ରାନନ୍ଦ ପ୍ରଧାନ ପରିଚାଳନା କରିଥିଲେ। ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଅଶ୍ୱିନୀ କୁମାର ସାହୁ ମୁଖ୍ୟ ବକ୍ତାଭାବେ ଯୋଗଦେଇ ଯୌନ ନିଯ୍ୟାତନା ନିବାରଣ ଅଧିନିୟମରେ ପ୍ରଦତ୍ତ ନାରୀମାନଙ୍କର ଅଧିକାର ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ବିଷମକଟକ ସବ୍ ଡିଭିଜନାଲ୍ ପୋଲିସ୍ ଅଫିସର୍ ସନ୍ତୋଷିନୀ ଓରାମ୍, ବିଷମକଟକ ବାର୍ ଆସୋସିଆସନ୍ ସମ୍ପାଦକ ସନ୍ତୋଷ ପଣ୍ଡା ମହିଳାମାନଙ୍କୁ କର୍ମକ୍ଷେତ୍ରରେ ହେଉଥିବା ଯୌନ ନିଯ୍ୟାତନାର ପ୍ରତିକାର ଓ ସେମାନଙ୍କର ଅଧିକାର ଉପରେ ଗୁରୁତ୍ୱାରୋପ କରିଥିଲେ। ମୁନିଗୁଡ଼ା ଥାନାଧିକାରୀ ସୌଦାମିନୀ ବେହେରା, ମୁନିଗୁଡ଼ା ମହିଳା ଏବଂ ଶିଶୁ ବିକାଶ ଅଧିକାରୀ ଡାଲିମ୍ବ ନାୟକ, ଓକିଲ ରାଧାରମଣ ଦାସ, ଓକିଲ ମନମୋହନ ପାତ୍ର ଯୋଗଦେଇ ଥିଲେ। ସରକାରଙ୍କ ଦ୍ୱାରା ଉପଲବ୍ଧ ଏହି ଅଧିନିୟମରେ ନାରୀମାନେ କିପରି ସଶକ୍ତ ହୋଇ ଯୌନ ନିଯ୍ୟାତନାକୁ ରୋକିପାରିବେ, ନିର୍ଯ୍ୟାତିତ ଓ ପିଡ଼ିତମାନଙ୍କୁ କି ପ୍ରକାରେ ସାହାଯ୍ୟ କରିହେବ ସେ ବିଷୟରେ ସମସ୍ତଙ୍କୁ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁନିଗୁଡ଼ାର ଆଖପାଖ ଅଞ୍ଚଳର ଅଙ୍ଗନୱାଡ଼ି, ଆଶା କର୍ମୀ ଏବଂ ପଞ୍ଚାୟତ ସମିତି କାର୍ଯ୍ୟାଳୟ କର୍ମଚାରୀ ଯୋଗ ଦେଇଥିଲେ। ଏଥିରେ ପଞ୍ଚାୟତ ସମିତି କାର୍ଯ୍ୟାଳୟର କର୍ମଚାରୀ ସହଯୋଗ କରିଥିଲେ।

# ସେବା ମନୋବୃତ୍ତି ଶୃଙ୍ଖଳିତ ସମାଜ ଗଠନ କରେ

ରାୟଗଡ଼ା,୧୭।୧୦(ଭାଗ୍ୟଶ୍ରୀ ମିଶ୍ର)

ରାୟଗଡା ମହିଳା ମହାବିଦ୍ୟାଳୟରେ ଭାରତୀୟ ରେଡ଼କ୍ରସ୍ ସଂସ୍ଥା ରାଜ୍ୟ ଶାଖା ଅନୁମୋଦନ କ୍ରମେ ୩ ଦିନ ଧରି ଚାଲିଥିବା ଶିବିର ମଙ୍ଗଳବାର ଉଦ୍ୟାପିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ଅନୁସୟା ମାଝି, ମୁଖ୍ୟ ବକ୍ତା ଡ. ଦୁଷ୍ମନ୍ତ କୁମାର ମହାନ୍ତି ଯୋଗଦେଇ ସ୍ୱେଚ୍ଛାକୃତ ଭାବେ ସମାଜସେବା ପ୍ରତି ଆଗ୍ରହ ଦ୍ୱାରା ଭବିଷ୍ୟତରେ ଏକ ଶୃଙ୍ଖଳିତ ସମାଜ କିପରି ଗଠନ ହେବ ସେନେଇ ଉଦ୍‌ବୋଧନ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲା ଯୁବ ରେଡ଼କ୍ରସ୍ ଅଧ୍ୟକ୍ଷା ବବିଲତା ସରଫ, ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷା ଅର୍ଚ୍ଚନା ପଟ୍ଟନାୟକ, ଜିଲା ସଂଯୋଜକ ପ୍ରଶାନ୍ତ ପଣ୍ଡା, ଆବାହକ ଅମ୍ରିତ ସାହୁ, ସ୍ୱତନ୍ତ୍ର ଅତିଥି ପ୍ରଫେସର ଉଦୟନାଥ ପଣ୍ଡା ଯୋଗ ଦେଇଥିଲେ। ଶିବିରରେ ୧୦୦ରୁ ଉର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ୮ଟି ଅଧିବେଶନରେ ରେଡ଼କ୍ରସ୍ ଫାଷ୍ଟଏଡ୍, ପ୍ରକୃତିକ ବିପର୍ଯ୍ୟୟ ପ୍ରତିକାର, ସ୍ୱାସ୍ଥ୍ୟ, ଭୌଗୋଳିକ ପରିବର୍ତ୍ତନ ଆଦି ବିଷୟରେ ସେମାନେ ଅବଗତ ହୋଇଥିଲେ। ଅଧ୍ୟାପିକା ପ୍ରତିମା ପଣ୍ଡା, ଯୁବ ରେଡ଼କ୍ରସ କାଉନସିଲର ରଘୁନାଥ ଭୁଏ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଶିବରରେ ଉପସ୍ଥିତ ଅତିଥି ।

# ଶହୀଦ ମାଝୀ କୈବର୍ତ୍ତଙ୍କ ସ୍ମୃତିସଭା

ଗୁଡ଼ାରି,୧୭।୧୦(ପ୍ରମୋଦ ପତି)

ଗୁଡ଼ାରୀ ସରକାରୀ ହାଇସ୍କୁଲ ପରିସରରେ ମଙ୍ଗଳବାର ଆସିକା ଅଷ୍ଟମ ବାଟାଲିୟନ ଓଏସ୍ଏପି ପକ୍ଷରୁ ସହୀଦ ମାଝୀ କୈବର୍ତ୍ତଙ୍କ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଡେପୁଟି କମାଣ୍ଡୋଣ୍ଟ ପ୍ରଫୁଲ କୁମାର ସିଂଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ରତ୍ନମୟୀ ପୁରୋହିତ, ସମ୍ମାନିତ ଅତିଥି ରୂପେ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ମୁରଲୀକୃଷ୍ଣ ପଣ୍ଡା, ଥାନା ଅଧିକାରୀ ସମର୍ପିତା ସ୍ୱାଇଁ,ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ରାଜ କିଶୋର ସାହୁ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶିବ ପ୍ରସାଦ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ଶହୀଦ ମାଝୀ କୈବର୍ତ୍ତଙ୍କ ସ୍ତ୍ରୀ ମୌସୁମୀ ଓ ତାଙ୍କ ମାଆ ଯୋଗ ଦେଇଥିଲେ । ଜୁନିୟର ରେଡ଼କ୍ରସ ଛାତ୍ରୀଛାତ୍ରମାନେ ସ୍ୱାଗତ ସଙ୍ଗୀତ, ପ୍ରଧାନଶିକ୍ଷକ ସାହୁ ଅତିଥି ପରିଚୟ ଦେଇଥିଲେ। ଅତିଥିମାନେ ନିଜ ବକ୍ତବ୍ୟରେ ଶହୀଦ ମାଝୀ କୈବର୍ତ୍ତଙ୍କ ଦେଶ ପ୍ରତି ବଳିଦାନ ସ୍ମୃତିଚାରଣ କରି ତାଙ୍କ ବୀରତ୍ୱ ସମ୍ପର୍କରେ ଛାତ୍ରୀଛାତ୍ର ଙ୍କୁ ଅବଗତ କରିଥିଲେ । ଏହି ଅବସରରେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସୂଚନାଯୋଗ୍ୟ, ଶହୀଦ ମାଝୀ କୈବର୍ତ୍ତ ଏହି ହାଇସ୍କୁଲରେ ୧୯୯୯ରେ ମ୍ୟାଟ୍ରିକ ପାସ କରିବା ପରେ ୨୦୦୨ରେ ଓଏସ୍ଏପି ବାହିନୀରେ ଯୋଗ ଦେଇଥିଲେ। ଆସିକା ଥାନା ଅଞ୍ଚଳରେ ରାତ୍ରିକାଳୀନ ପାଟ୍ରୋଲିଂ କରୁଥିବା ସମୟରେ ଦୁର୍ଘଟଣାରେ ଶହୀଦ ହୋଇଥଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସମେତ ଇନ୍ସପେକ୍ଟର ସୋମନାଥ ଦଳବେହେରା, କନଷ୍ଟେବଳ ଓ ଗୃହ ରକ୍ଷୀମାନେ ଉପସ୍ଥିତ ଥିଲେ। ଶିକ୍ଷକ ରାଧାକାନ୍ତ ଗୁରୁ ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ ଶହୀଦଙ୍କ ସ୍ତ୍ରୀଙ୍କ ସମେତ ଉପସ୍ଥିତ ମଞ୍ଚାସୀନ ଅତିଥି ।

# ଶିକ୍ଷା ବିକାଶ ସମିତି ପକ୍ଷରୁ ଆଲୋଚନାଚକ୍ର

ରାୟଗଡା,୧୭।୧୦(ଭାଗ୍ୟଶ୍ରୀ ମିଶ୍ର )

ଜିଲାସ୍ତରୀୟ ଜିଲା ଶିକ୍ଷା ବିକାଶ ସମିତି ତରଫରୁ ସୋମବାର ଗାୟତ୍ରୀନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହାର ବିଷୟ "ଭାରତର ସ୍ୱ"ଯଥ:-ଭାରତର ପରମ୍ପରା,ଭାରତୀୟ ସଂସ୍କୃତି, ଭାରତୀୟ ସଭ୍ୟତା, ଭାରତୀୟ ଧର୍ମ, ଭାରତୀୟ ଆୟୁର୍ବେଦ ଓ ଭାରତର ବିଜ୍ଞାନର "ସ୍ୱ" ବିଷୟରେ ଆଲୋଚନା କରାଯାଇଥିଲା। ବୁଦ୍ଧିଜୀବୀମାନଙ୍କ ମଧ୍ୟରେ ରୁପସିଂ ରାଉତ(ଦକ୍ଷିଣ ସମ୍ଭାଗ ସଭାପତି),ସୁରଥ ଡାକୁଆ(ଦକ୍ଷିଣ ସମ୍ଭାଗ ବିଦ୍ୱାନ ପରିଷଦ ସମ୍ପାଦକ),ଜିଲା ପ୍ରମୁଖ ନରେନ୍ଦ୍ର ନାୟକ, ମୁଖ୍ୟବକ୍ତା ରାୟଗଡ଼ା ଖଣ୍ଡ ସଂଘ ଚାଳକ ହରିହର ଖମାରୀ, ସଭାପତି ହରିଶ ଚନ୍ଦ୍ର ଦାସ, ବିଦ୍ୱାନ ପରିଷଦ ସଭାପତି ରାମକୃଷ୍ଣ ସାହୁ, ସମ୍ପାଦକ ପ୍ରଦୀପ କୁମାର ତ୍ରିପାଠୀ,ସଂଯୋଜକ ରମେଶ କୁମାର ନନ୍ଦ ଉପସ୍ଥିତ ରହି ଆଲୋଚନାଚକ୍ରର ସୁପରିଚାଳନା କରିଥିଲେ।

କାର୍ଯ୍ୟକ୍ରମରେ ଭାରତୀୟ ମଜଦୁର ସଂଘ କ୍ଷେତ୍ରୀୟ ଅଧିକାରୀ ଯୋଗେଶ ଦାଶ, ବିଶ୍ୱ ହିନ୍ଦୁ ପରିଷଦ ପ୍ରାନ୍ତ ଉପସଭାପତି ପ୍ରଫୁଲ୍ଲ କୁମାର ପାତ୍ର,କୃଷକ ସଂଘର ପ୍ରାନ୍ତ କାର୍ଯ୍ୟ କାରିଣୀ ସଦସ୍ୟ ରଜତ କୁମାର ମାଦଳା, ଭାଜପା ପ୍ରାନ୍ତ କାର୍ଯ୍ୟକାରିଣୀ ଉପଦେଷ୍ଟା କାଳୀରାମ ମାଝି, ବିଦ୍ୟାଳୟର ପୂର୍ବତନ ସଭାପତି ହୃଦୟାନନ୍ଦ ପଣ୍ଡା, ସଂକୁଳ ପ୍ରମୁଖ ରମେଶ କୁମାର ସାହୁ, ତଥା ସମୟଦାନୀ କାର୍ଯ୍ୟକର୍ତ୍ତା ଭବାନୀ ଶଙ୍କର ଦାଶ ନିମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇଥିଲେ। ବୁଦ୍ଧିଜୀବୀ ମହଲରୁ ଜଗଦୀଶ ଦୋରା, ଈଶ୍ୱର ଚନ୍ଦ୍ର ନାୟକ, ଭାଗୀରଥି ଶତପଥି, ରମେଶ ଚନ୍ଦ୍ର ଗୌଡ଼ଙ୍କ ସମେତ ସମୁଦାୟ ୯୨ ଜଣ ବୁଦ୍ଧିଜୀବୀ ଏହି ଆଲୋଚନା ଚକ୍ରରେ ଅଂଶଗ୍ରହଣ କରିଥିଲେ।

ପରିଚାଳନା ସମିତି କୋଷାଧ୍ୟକ୍ଷ ସଞ୍ଜୀବ କୁମାର ଦାସ, ସଦସ୍ୟା ପ୍ରଣିତା ନାୟକ, ବବିତା ମାଣ୍ଡାଙ୍ଗି, ପ୍ରଧାନ ଆଚାର୍ଯ୍ୟ ଓ ସମସ୍ତ ଗୁରୁଜୀ ଗୁରୁମା ତଥା ସେବିକା, ଦୁଇ ସଂକୁଳ ପ୍ରଧାନ ଆଚାର୍ଯ୍ୟ ତଥା ଜିଲାର ଅନ୍ୟାନ୍ୟ ବିଦ୍ୟାଳୟର ବିଦ୍ୱାନ ପରିଷଦ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମର ପରିଚାଳନାରେ ସହଯୋଗୀ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ସୁଧୀର କୁମାର ନେଗୀ ଓ ସମ୍ପାଦକ ଡକ୍ଟର ସୁନୀଲ ପ୍ରସାଦ ମହାପାତ୍ର ବିଶେଷ ବ୍ୟବସ୍ଥାପକ ଭାବେ ଅଂଶୀଦାର ଥିଲେ।



ଆଲୋଚନାଚକ୍ରରେ ଜଣେ ଅତିଥି ବକ୍ତବ୍ୟ ରଖୁଛନ୍ତି ।

# ଦୁଇ କଏଦୀଙ୍କୁ ପୁଣି ୨ବର୍ଷ ଜେଲ

## ଜେଲ କର୍ମଚାରୀଙ୍କ ସହ ଗଣ୍ଡୋଗୋଳ

ରାୟଗଡ଼ା,୧୭।୧୦(ଆଶିଷ ରଞ୍ଜନ ପଣ୍ଡା)

ଜେଲ କର୍ମଚାରୀଙ୍କୁ ଗାଳିଗୁଲଜ ଓ ଆକ୍ରମଣ ଘଟଣାରେ ୨ଜଣଙ୍କୁ ୨ବର୍ଷ କାରାଦଣ୍ଡାଦେଶ ରାୟ ଶୁଣାଇଛନ୍ତି ଏସ୍‌ଡିଜେଏମ୍ ଜଜ୍ ବର୍ଷା ଦାସ। ସରକାରୀ ଆଇନଜୀବୀଭାବେ ସଚ୍ଚିଦାନନ୍ଦ ଖାଡ଼ଙ୍ଗା ଓ ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ ନବକୁମାର କଂଟା ମାମଲା ପରିଚାଳନା କରୁଥିଲେ। ଘଟଣା ଅନୁସାରେ, ଜେଲରେ ସଜା କାଟୁଥିବା ଦୁଇ କଏଦୀ ଏଚ୍.ଶିବା ଓ ଜି.ବାଙ୍ଗାରୁ ରାତି ପ୍ରାୟ ୧୦.୫୪ରେ ଜେଲ ୱାର୍ଡ଼ ନଂ ୩(ପି)ର ସିସି କ୍ୟାମେରାରେ କଳା କନା ଘୋଡ଼ାଇବାକୁ ନେଇ ଜେଲ କର୍ମଚାରୀଙ୍କ ସହ ପାଟିତୁଣ୍ଡ ହୋଇଥିଲା। ଅଭିଯୁକ୍ତମାନେ ଜେଲ ୱାର୍ଡର ବିଜୟ କୁମାର ଓ ଅନ୍ୟମାନଙ୍କୁ ଗାଳିଗୁଲଜ କରିବା ସହିତ ବିଜୟ କୁମାର ଓ ଆସିଷ୍ଟାଂଟ ସର୍ଜଂଟ ତାରିଣୀ ମଲିକଙ୍କୁ ମାଡ଼ ମାରିଥିଲେ। ଏନେଇ ବିଜୟ କୁମାର ରାୟଗଡ଼ା ଟାଉନ ଥାନାରେ ଏକ ଏତଲା ଦେଇଥିଲେ। ଉକ୍ତ ଏତଲାକୁ ଆଧାରରେ ପୋଲିସ ତଦନ୍ତ କରି ମାମଲା କୋର୍ଟକୁ ପଠାଇଥିଲା। ଏହି ମାମଲାର ବିଚାର କରି ଜଜ୍ ବର୍ଷା ଦାସ ଅଭିଯୁକ୍ତଙ୍କୁ କାରାଦଣ୍ଡାଦେଶ ଶୁଣାଇଥିଲେ।

# ଉତ୍କଳ ବିସ୍ଥାପିତ, କ୍ଷତିଗ୍ରସ୍ତ ସଂଘ ପୁନର୍ଗଠନ ନେଇ ବୈଠକ

ଟିକିରି, ୧୭। (ପ୍ରଫୁଲ କୁମାର ବେହେରା)

ରାୟଗଡା ଜିଲା କାଶୀପୁର ବ୍ଲକ ଦୋରଗୁଡା ଥାନା ଅଧୀନ ଉତ୍କଳ ଆଲୁମିନା କମ୍ପାନୀ ଦ୍ୱାରା ବିସ୍ଥାପିତ ଓ କ୍ଷତିଗ୍ରସ୍ତ ପ୍ରଭାବିତ ଅଞ୍ଚଳର ୨୪ ଖଣ୍ଡ ଗ୍ରାମବାସୀଙ୍କ ପ୍ରତିନିଧି ମଣ୍ଡଳୀ ସଂଘ ପୁନର୍ଗଠନ ନିମନ୍ତେ ଦୋରଗୁଡାସ୍ଥିତ ଉତ୍କଳ ଆଲୁମିନା ୱାର୍କର ୟୁନିଅନ ସମ୍ମୁଖ ପଡିଆରେ ବୈଠକ କରିଛନ୍ତି। ସଂଘ ସଦସ୍ୟ ଜୟଦେବ ନାଏକଙ୍କ ଆବାହନରେ ୨୪ ଖଣ୍ଡ ପ୍ରଭାବିତ ଗ୍ରାମର ସଦସ୍ୟ ଯୋଗଦେଇଥିଲେ।

ସୂଚନାନୁଯାୟୀ, ଆଲୁମିନା କାରଖାନା ପ୍ରତିଷ୍ଠା ପରେ ଏହାର ଉନ୍ନତି ପାଇଁ ତତ୍‌କାଳୀନ ଜିଲାପାଳଙ୍କ ତତ୍ତ୍ୱାବଧାନରେ ବିସ୍ଥାପିତ/କ୍ଷତିଗ୍ରସ୍ତ ପ୍ରଭାବିତ ଲୋକଙ୍କ ପାଇଁ ଏକ ସଂଘ ୨୦୦୭ରେ ଆରମ୍ଭ କରାଯାଇଥିଲା। କରୋନା ସମୟରୁ ସଂଘ କାର୍ଯ୍ୟ କରୁ ନ ଥିଲା। ଫଳରେ ବିସ୍ଥାପିତଙ୍କ ଉନ୍ନତି ପାଇଁ କୌଣସି କାର୍ଯ୍ୟ କରାଯାଇ ପାରୁ ନ ଥିଲା। ପୂର୍ବ ସଂଘର ସଦସ୍ୟମାନେ ପୁନର୍ବାର ଏକାଠି ହୋଇ ସଂଘର ପୁନର୍ଗଠନ ଓ ପରବର୍ତ୍ତୀ ସମୟରେ କମ୍ପାନୀ/ପ୍ରଶାସନ ଓ ପ୍ରଭାବିତ ଲୋକଙ୍କ ମଧ୍ୟରେ ତ୍ରିପାକ୍ଷିକ ସୁସମ୍ପର୍କ ରଖି ଆଗକୁ ବିକାଶର ଦିଗ ଦେବାକୁ ୨ଥର ବୈଠକରେ ଆଲୋଚନା କରିଥିଲେ। ମଙ୍ଗଳବାର ତାହାର ତୃତୀୟ ତଥା ଅନ୍ତିମ ବୈଠକ କରାଯାଇଛି। ସଂଘ ସଦସ୍ୟ ସଭ୍ୟ ଜତୀନ୍ଦ୍ର ନାଏକ, ଜୟଦେବ ନାଏକ ବୈଠକରେ ଆଲେଶଚନା କରାଯାଇଥିବା ତଥ୍ୟ ଖବରଦାତାଙ୍କୁ ଦେଇଛନ୍ତି। ବୈଠକରେ ହୋଇଥିବା ନିଷ୍ପତ୍ତି ନକଲକୁ ବିବରଣୀ ନକଲକୁ ବ୍ରହ୍ମପୁର ଆରଡିସି, ରାୟଗଡ଼ା ଏସ୍‌ପି, କାଶୀପୁର ତହସିଲଦାର ଓ ଉତ୍କଳ ଆଲୁମିନା ଅଧିକାରୀଙ୍କୁ ପ୍ରଦାନ କରାଯିବ। ବୈଠକରେ ସଂଘର ଶତାଧିକ ଅନ୍ୟ ସଦସ୍ୟଙ୍କ ମଧ୍ୟରୁ ଚିତ୍ରସେନ ନାଏକ, ରାଜି ନାଏକ, ବିଷ୍ଣୁ ମାଝି,ଚନ୍ଦ୍ର ଝଡ଼ିଆ ପ୍ରମୁଖ ଉପସ୍ଥିତ ଥିଲେ।


ବୈଠକରେ ଉପସ୍ଥିତ ସଂଘ ସଦସ୍ୟ ଓ ଅନ୍ୟମାନେ ।

# ଆମ୍ବୁଲାନ୍ସ ଆସିବାରୁ ବିଳମ୍ବରୁ କାର୍ତ୍ତିକଙ୍କ ମୃତ୍ୟୁ

**ପରିବାର ଲୋକେ ଆଣିଲେ ଅଭିଯୋଗ**

ଟିକିରି,୧୭।୧୦(ପ୍ରଫୁଲ କୁମାର ବେହେରା)

ରାୟଗଡା ଜିଲା କାଶୀପୁର ବ୍ଲକ କୁଚେଇପଦର ପଞ୍ଚାୟତ କଣ୍ଟାମାଲକରଲ ଗ୍ରାମରେ ଜଣେ ରୋଗୀଙ୍କୁ ଆମ୍ବଲାନ୍ସ ନେବାକୁ ଆସିବାରେ ବିଳମ୍ବ ହେବାରୁ ତାଙ୍କର ମୃତ୍ୟୁ ହୋଇଛି। ତାଙ୍କ ନାମ କାର୍ତ୍ତିକ ଝୋଡିଆ। ଆମ୍ବୁଲାନ୍ସ ଆସିବାରେ ବିଳମ୍ବ ଯୋଗୁ କାର୍ତ୍ତିକଙ୍କ ମୃତ୍ୟୁ ଘଟିଲା। ଆମ୍ବୁଲାନସ ଠିକ୍ ସମୟରେ ଆସିଥିଲେ ଚିକିତ୍ସା ସୁବିଧା ପାଇ ସେ ବଞ୍ଚିଥାନ୍ତେ ବୋଲି ପରିବାର ଓ ସମ୍ପର୍କୀୟମାନେ ଅଭିଯୋଗ କରିଛନ୍ତି। ଖବରରୁ ଜଣାପଡିଛି, କଣ୍ଟାମାଲକରଲ ଗ୍ରାମର କାର୍ତ୍ତିକ ଅସୁସ୍ଥ ହୋଇପଡିବାରୁ ପରିବାର ଲୋକେ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ଗ୍ରାମକୁ ରାସ୍ତା ନଥିବାରୁ ଆମ୍ବୁଲାନ୍ସ ଆସିବାରେ ବିଳମ୍ବ ହୋଇଥିଲା। ତେବେ ଆମ୍ବୁଲାନ୍ସ ଆସିବା ପରେ ପରିବାର ଓ ସମ୍ପର୍କୀୟମାନେ ତାଙ୍କୁ ଉଷାପଡା ମେଡିକାଲକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ କାର୍ତ୍ତିକଙ୍କ ମୃତ୍ୟୁ ହୋଇଥିଲା। ସେଠାରୁ ଆମ୍ବୁଲାନ୍ସ ଯୋଗେ ଗ୍ରାମକୁ ମୃତଦେହ ଆଣୁଥିବା ବେଳେ ଘାଟିରେ ଗାଡିର ଷ୍ଟାର୍ଟ ବନ୍ଦ ହୋଇଯାଇଥିଲା। କିଛି ସମୟ ଧରି ଷ୍ଟାର୍ଟ ନ ହେବାରୁ ଆମ୍ବୁଲାନ୍ସରେ ଥିବା କାର୍ତ୍ତିକଙ୍କ ପରିବାର ଓ ସମ୍ପର୍କୀୟମାନେ ଗାଡିଟିକୁ ଠେଲି ଠେଲିକିଛି ବାଟ ନେବାରୁ ତାହା ଷ୍ଟାର୍ଟ ହୋଇଥିଲା। ପରେ ସମସ୍ତେ ମୃତଦେହ ଧରି ଗ୍ରାମକୁ ଆସିଥିଲେ।

# ଆଦିତ୍ୟ ବାହିନୀର ଭାଗବତ ଟୁଙ୍ଗି ପ୍ରତିଷ୍ଠା କାର୍ଯ୍ୟକ୍ରମ

ମୁନିଗୁଡ଼ା,୧୭।୧୦(ରାଧେଶ୍ୟାମ ଅଗ୍ରୱାଲ)

ମୁନିଗୁଡାର ଗୋବର୍ଦ୍ଧନଠାରେ ଆଦିତ୍ୟବାହିନୀ ଶାଖା ପକ୍ଷରୁ ୪୮ତମ ଭାଗବତ ଟୁଙ୍ଗି ପ୍ରତିଷ୍ଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ଦିନ ହେବ ଗୋବର୍ଦ୍ଧନ ଅଞ୍ଚଳର ଭାଗବତପ୍ରେମୀ ଅନୁରୋଧକୁ ଦୃଷ୍ଟିରେ ରଖି ଆଦିତ୍ୟ ବାହିନୀ ଏହି ଭାଗବତ ଟୁଙ୍ଗି ପ୍ରତିଷ୍ଠା କରିଛି। ଏଥିରେ ମୁନିଗୁଡା ଶାଖା ସଭାପତି ଟଙ୍କଧର ଗାଜିବିଲି, ସମ୍ପାଦକ ପି. ସୁଧାକର ପାତ୍ର, ସଂଯୋଜକ ବଂଶୀଧର ନନ୍ଦ, ଅଜିତ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଭାଗବତ ଟୁଙ୍ଗିର ନାମ ଗିରିରାଜ ଭାଗବତ ଟୁଙ୍ଗି ରଖାଯାଇଥିଲା। ଟୁଙ୍ଗୀର ସଭାପତି ଭାବେ ଏଲକାନ୍ଦ୍ରା ମୁକୁନ୍ଦ, ସମ୍ପାଦିକା ଡିବିରି ସିଂ ଲାଛମି ଓ କୋଷାଧ୍ୟକ୍ଷ ରୂପେ ବାଦିଗୁଡା ପୁରୁଷୋତ୍ତମଙ୍କୁ ମନୋନୀତ କରାଯାଇଥିଲା। ଉପଦେଷ୍ଟା ଭାବେ ଅଜିତ ମହାରଣା, ବାଦିଗୁଡା ଅନନ୍ତ ନାୟକ ଓ ଆନନ୍ଦ ପଣ୍ଡୁ ମନୋନୀତ ହୋଇଥିଲେ। ସଭ୍ୟାସଭ୍ୟ ରୂପେ ଡିବିରିସିଂ ସୁବା ରାଓ,ବାଡିଗାମ ସୁରୀ, ଅନ୍ତାଡି ଏଣ୍ଡୁ, ନୀଳାଦ୍ରି ଆନ୍ଦାଡି, କୁମାରୀ କତୁରୁ ମଦନା, ମଣିଂକାଲୁ ମଣି, ବାନ୍ଧି ସମ୍ବାରୀ, ଅଙ୍କରଡା ସଞ୍ଜୁଙ୍କୁ ମନୋନୀତ କରାଯାଇଛି।



# ବର୍ଷକ ପରେ ଗୁଣପୁର ଅଞ୍ଚଳରେ ପୁଣି ଦେଖାଗଲେ ହାତୀ

ଗୁଣପୁର, ୧୭।୧୦(ପ୍ରଦୀପ କୁମାର ପାଢ଼ୀ)

ରାୟଗଡା ଜିଲା ଗୁଣପୁର ଅଞ୍ଚଳରେ ପୁଣି ଦେଖାଗଲେ ହାତୀ। ସହର ନିକଟ ଲିମାମେଡା, ରୂପା ପଦର, ସୌରା ପ୍ରଧାନୀଗୁଡା ଅଞ୍ଚଳରେ ୨ଟି ହାତି ଦେଖାଦେଇଛନ୍ତି। ପଆୟ ବର୍ଷେ ପରେ ପୁଣି ଏହି ଅଞ୍ଚଳରେ ହାତୀ ଚଳପ୍ରଚଳ କରିଛନ୍ତି। ଗତବର୍ଷ ବେଳକୁ ୬ ଟିକିଆ ହାତୀପଲ ଗୁଣୁପୁର ନିକଟସ୍ଥ କାଲମା, ରୂପାପଦର, ଲିମାମେଡ଼ା, ସୌରା ପ୍ରଧାନୀଗୁଡ଼ା ଅଞ୍ଚଳରେ ଦୁଇ ମାସ ଚଳପ୍ରଚଳ କରି ବ୍ୟାପକ ଫସଲ ହାନି କରିଥିଲେ । ପରେ ଆନ୍ଧ୍ର ମୁହାଁ ହୋଇ ସେଠାରେ ବିଦ୍ୟୁତ୍ ଆଘାତରେ ୪ ହାତୀଙ୍କ ମୃତ୍ୟୁ ହୋଇଥିଲା। ୨ଟି ହାତୀ ସାଥୀହୀନ ହୋଇ ଖାଦ୍ୟ ଅନ୍ୱେଷଣରେ ପୁଣି ଓଡିଶାକୁ ଫେରିଥିବା ଅନୁମାନ କରାଯାଉଛି। ସେମାନେ ପ୍ରଥମେ ଭୀମପୁର ପଞ୍ଚାୟତରେ ଚଳପ୍ରଚଳ କରୁଥିବାବେଳେ ବର୍ତ୍ତମାନ ଚାଲକମବା ପଞ୍ଚାୟତର ରୁପା ପଦର, ଲିମାମେଡା ଓ ସୌରା ପ୍ରଧାନୀଗୁଡା ଗ୍ରାମ ନିକଟରେ ଘୁରି ବୁଲୁଥିବା ଜଣାପଡିଛି।



# ପ୍ରଧାନ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ନାମରେ ଦୁର୍ନୀତି ଅଭିଯୋଗ

ରାୟଗଡ଼ା,୧୭।୧୦(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ ଖିଲାପଦର ଗ୍ରାମର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରଣତୀ ପାଣିଗ୍ରାହୀ ଓ ଶିକ୍ଷକ ଅଜିତ ଚୌଧୁରୀ ମନମୁଖି କାର୍ଯ୍ୟ କରୁଥିବା ନେଇ ଏସ୍‌ଏମ୍‌ସି ସଭାପତି ଓ ଅଭିଭାବକମାନେ ଜିଲାପାଳ ସ୍ୱାଧୀନଦେବ ସିଂଙ୍କ ନିକଟରେ ଅକ୍ଟୋବର ୩ରେ ଅଭିଯୋଗ କରିଥିଲେ । ଜିଲାପାଳ ଘଟଣାର ତଦନ୍ତ କରି ୭ଦିନ ମଧ୍ୟରେ ଜଣାଇବାକୁ ଡିଇଓ ପୂର୍ଣ୍ଣଚନ୍ଦ୍ର ବରିହାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଡିଇଓ ୨ ସପ୍ତାହ ପରେ ତଦନ୍ତ କରିଥିଲେ।

ପ୍ରଧାନ ଶିକ୍ଷୟିତ୍ରୀ ଓ ଶିକ୍ଷକ ଚୌଧୁରୀ ବିଭିନ୍ନ ଦୁର୍ନୀତିରେ ଲିପ୍ତ ରହିବା ସହିତ ଅଭିଭାବକ, ଛାତ୍ରୀଛାତ୍ରଙ୍କୁ ଦୁର୍ବ୍ୟବହାର କରୁଥିବା ନେଇ ଅଭିଭାବକ, ଗ୍ରାମବାସୀ ଏବଂ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ତାଙ୍କୁ ପ୍ରଶ୍ନ କରିବାରୁ ରାଜନେତାଙ୍କ ସହିତ ସମ୍ପର୍କ ରହିଛି। ଡିଇଓ, ବିଇଓ କିଛି କରିପାରିବେ ନାହିଁ ବୋଲି ପ୍ରଧାନ ଶିକ୍ଷୟିତ୍ରୀ ଓ ଶିକ୍ଷକ ଚୌଧୁରୀ କହୁଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି। ଉଭୟ ଠିକାଦାରଙ୍କ ସହ ମିଶି ସ୍କୁଲ ରୂପାନ୍ତରଣ କାମ ନିମ୍ନମାନର କରିଥିବା ଅଭିଯୋଗ ରହିଛି। ଶିକ୍ଷକ ଚୌଧୁରୀ ଦୀର୍ଘ ୧୨ବର୍ଷ ହଷ୍ଟେଲ ଦାୟିତ୍ୱ ତୁଲାଉଛନ୍ତି। ସେ ପିଲାଙ୍କ ଖାଦ୍ୟରେ ନାନା ଦୁର୍ନୀତି କରୁଥିବା ଅଭିଯୋଗ ରହିଛି। କୋଭିଡ୍ ସମୟରେ ନବମ ଓ ଦଶମ ଶ୍ରେଣୀ ପିଲାଙ୍କ ଟ୍ୟୁଶନ ଫି ଫେରାଇବା ପାଇଁ ନିର୍ଦ୍ଦେଶ ଥିବାବେଳେ ବର୍ତ୍ତମାନ ସୁଦ୍ଧା ଟଙ୍କା ପିଲାଙ୍କୁ ଫେରାଇ ନାହାନ୍ତି। ଏଥିସହ ମଧ୍ୟାହ୍ନଭୋଜନ ଚାଉଳ ହେରଫେର, ନିରାପତ୍ତା ଓ ପରିମଳକୁ ନେଇ ଅଭିଯୋଗ ରହୁଥିଲେ ମଧ୍ୟ ରାଜନୈତିକ ଚାପ ପ୍ରୟୋଗ କରି ସେଗୁଡ଼ିକୁ ଚପାଇ ଦେଉଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି। ପିଲାଙ୍କୁ କ୍ଲାସ ଠିକ୍ ଭାବେ କରୁ ନ ଥିବା ଏବଂ କେହି ଅଭିଯୋଗ କଲେ ଶିକ୍ଷକ ଚୌଧୁରୀ ସ୍ଥାନୀୟ ରାଜନେତା, ତାଙ୍କ ବନ୍ଧୁ ଏବଂ ବିଭିନ୍ନ ଉଚ୍ଚପଦସ୍ଥ ଅଧିକାରୀଙ୍କ ସମ୍ପର୍କ ଦେଖାଇ ସମସ୍ତଙ୍କୁ ଭୟଭୀତ କରୁଛନ୍ତି ବୋଲି ଅଭିଯୋଗରେ ଉଲ୍ଲେଖ ରହିଛି। ସ୍କୁଲରେ ଝାଡୁଦାର ଓ ରାତ୍ରି ଜଗୁଆଳିଙ୍କ ଚୟନ ମଧ୍ୟ ପରିଚାଳନା କମିଟି ଅଗୋଚରରେ ଉଭୟ ପ୍ରଧାନ ଶିକ୍ଷୟିତ୍ରୀ ଓ ଶିକ୍ଷକ ଚୌଧୁରୀ ନିଷ୍ପତ୍ତି ନେଇଥିବା ଅଭିଯୋଗ ରହିଛି। ଏନେଇ ଡିଇଓ ପୂର୍ଣ୍ଣଚନ୍ଦ୍ର ବରିହାଙ୍କୁ ପଚାରିବାରୁ ସୋମବାର ବିଦ୍ୟାଳୟ ପରିଦର୍ଶନରେ ଯାଇ ତଦନ୍ତ କରାଯାଇଛି। ତଦନ୍ତ ଆଧାରରେ ରିପୋର୍ଟ ପ୍ରଦାନ କରାଯିବ ବୋଲି କହିଛନ୍ତି। ତେବେ ତଦନ୍ତରେ କ'ଣ ଜଣାପଡ଼ିଛି ସେ ବିଷୟରେ ପଚାରିବାରୁ ତଦନ୍ତ ରିପୋର୍ଟ ଜିଲାପାଳଙ୍କୁ ଦିଆଯିବ ବୋଲି କହିଥିଲେ। ଘଟଣା ସମ୍ପର୍କରେ ଜଣେ ଅଭିଯୋଗକାରୀ ବେଣୁପାଣି ପାଲକାଙ୍କୁ ପଚାରିବାରୁ ଡିଇଓ ବରିହା ନଥିପତ୍ର ଯାଞ୍ଚ କରି ଏସ୍‌ଏମ୍‌ସି ସଭାପତି ଓ ଉପସଭାପତି ଏବଂ ମୋ ସହ ଆଲୋଚନା କରି ଚାଲିଯାଇଛନ୍ତି ବୋଲି ସେ କହିଛନ୍ତି। ସ୍କୁଲର ପାଠପଢ଼ା ବିଷୟରେ ଛାତ୍ରୀଛାତ୍ରଙ୍କ ସହ କୌଣସି ଆଲୋଚନା କରାଯାଇ ନ ଥିବା ବେଣୁପାଣି କହିଛନ୍ତି। ଡିଇଓ ଏକପାଖିଆ ତଦନ୍ତ କରି ଚାଲିଯାଇଥିବା ବେଣୁପାଣି କହିଛନ୍ତି। ଜିଲାପାଳ ଏ ଦିଗରେ ଦୃଷ୍ଟି ଦେଇ ନିରପେକ୍ଷ ତଦନ୍ତ କରିବାକୁ ପରିଚାଳନା କମିଟି, ଅଭିଭାବକ ଓ ଗ୍ରାମବାସୀ ଦାବି କରିଛନ୍ତି। ଠିକ୍ ତଦନ୍ତ ନ ହେଲେ ଆଗାମୀ ଦିନରେ ସମସ୍ତେ ରାଜ୍ୟ ଶିକ୍ଷା ବିଭାଗର ଦ୍ୱାରସ୍ଥ ହେବେ ବୋଲି ଚେତାବନୀ ଦେଇଛନ୍ତି। ଏ ନେଇ ପ୍ରଧାନ ଶିକ୍ଷୟିତ୍ରୀ ପ୍ରଣତୀ ପାଣିଗ୍ରାହୀ ଓ ଶିକ୍ଷକ ଅଜିତ ଚୌଧୁରୀଙ୍କୁ ପଚାରିବାରୁ ସମସ୍ତ ଅଭିଯୋଗ ଭିତ୍ତିହୀନ ଓ ଉଦ୍ଦେଶ୍ୟମୂଳକ ବୋଲି କହିଛନ୍ତି। ଡିଇଓ ସୋମବାର ଆସି ତଦନ୍ତ କରିବା ସହ ପରିଚାଳନା କମିଟି ସଦସ୍ୟଙ୍କ ସହ ଆଲୋଚନା କରିଛନ୍ତି। ୨୦୨୧-୨୨ରେ ଛାତ୍ରୀଛାତ୍ରଙ୍କ ଶତପ୍ରତିଶତ ସଫଳତା ପାଇଁ ବିଦ୍ୟାଳୟକୁ ବେଷ୍ଟ ସ୍କୁଲ ଆୱାର୍ଡ ମିଳିଥିଲା ବୋଲି ପ୍ରଧାନ ଶିକ୍ଷୟିତ୍ରୀ କହିଛନ୍ତି। ସ୍କୁଲ ରୂପାନ୍ତରଣ କାମ ବ୍ଲକ ଦାୟିତ୍ୱରେ ହୋଇଥିଲା। ସେଥିରେ ଆମର କୌଣସି ହସ୍ତକ୍ଷେପ ନାହିଁ ବୋଲି ଉଭୟ ମତ ଦେଇଛନ୍ତି।

**ସଂକ୍ଷେପରେ**

## ମେରି ମିଟି, ମେରା ଦେଶ କାର୍ଯ୍ୟକ୍ରମ



ନନ୍ଦାହାଣ୍ଡି,୧୭।୧୦ (ପ୍ରତୀପ କୁମାର ଦାଶ)

ନବରଙ୍ଗପୁର ଜିଲା ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ନନ୍ଦାହାଣ୍ଡି ବ୍ଲକସ୍ଥିତ ନିସନାହାଣ୍ଡି ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମଙ୍ଗଳବାର ମେରି ମିଟି ମେରା ଦେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଉପଲକ୍ଷେ ଏକ ସଭା ଆୟୋଜନ କରାଯାଇଥିଲା। ନନ୍ଦାହାଣ୍ଡି ବିଡିଓ କ୍ଷୀରୋଦ ଚନ୍ଦ୍ର ସାହୁ ମୁଖ୍ୟ ଅତିଥି, ଭାଜପା ରାଜ୍ୟ କାର୍ଯ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଗୌରୀ ଶଙ୍କର ମାଝି, ନବରଙ୍ଗପୁର ଜିଲା ଡାକ ବିଭାଗ ଅଧକ୍ଷ ସଞ୍ଜିତ କୁମାର ବେହେରା, ନିସନାହାଣ୍ଡି ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସତ୍ୟ ନାରାୟଣ ପାତ୍ର, ବିଦ୍ୟାଳୟ ଭାରପ୍ରାପ୍ତ ଅଧକ୍ଷ ରମେଶ ଚନ୍ଦ୍ର ବିଶ୍ୱାଳ, ନନ୍ଦହାଣ୍ଡି ବ୍ଲକ ନେହେରୁ ଯୁବ କେନ୍ଦ୍ର ସ୍ୱେଚ୍ଛାସେବୀ ସୁବାସ ନାୟକ , ଭୁପେନ୍ଦ୍ର ବିଷୋୟୀ ସମ୍ମାନିତ ଅତିଥି, ମୁଖ୍ୟବକ୍ତାଭାବେ ନେହେରୁ ଯୁବ କେନ୍ଦ୍ରର ଜିଲା ଯୁବ ଅଧିକାରୀ ବି ରମେଶ, ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଆମଦେଶ ପାଇଁ ଶହୀଦ ହେଇଥିବା ଯବାନ, ସ୍ୱାଧୀନତା ସଂଗ୍ରାମୀଙ୍କ ବିଷୟରେ ଆଲୋଚନା କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଶେଷରେ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। ଏହାପରେ ସମସ୍ତେ ମାଟି ସଂଗ୍ରହ କରିବାକୁ ଶୋଭାଯାତ୍ରାରେ ନିସନାହାଣ୍ଡି ଗାଁକୁ ଯାଇଥିଲେ। ବ୍ଲକ ର ପ୍ରତେକ ପଞ୍ଚାୟତ ରୁ ଆସିଥିବା ସହୀଦ ପରିବାର ,ମାନ୍ୟ ଗଣ୍ୟ ବ୍ୟକ୍ତି ଏବଂ ବିଦ୍ୟାଳୟ ର ଛାତ୍ର ,ଛାତ୍ରୀ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

## ଦୁଇ କଏଦୀଙ୍କୁ ପୁଣି ୨ବର୍ଷ ଜେଲ

### ଜେଲ କର୍ମଚାରୀଙ୍କ ସହ ଗଣ୍ଡୋଗୋଳ

ରାୟଗଡ଼ା,୧୭।୧୦(ଆଶିଷ ରଞ୍ଜନ ପଣ୍ଡା)

ଜେଲ କର୍ମଚାରୀଙ୍କୁ ଗାଳିଗୁଲଜ ଓ ଆକ୍ରମଣ ଘଟଣାରେ ୨ଜଣଙ୍କୁ ୨ବର୍ଷ କାରାଦଣ୍ଡାଦେଶ ରାୟ ଶୁଣାଇଛନ୍ତି ଏସ୍‌ଡିଜେଏମ୍ ଜଜ୍ ବର୍ଷା ଦାସ। ଘଟଣା ଅନୁସାରେ, ଜେଲରେ ସଜା କାଟୁଥିବା ଦୁଇ କଏଦୀ ଏଚ୍.ଶିବା ଓ ଜି.ବାଙ୍ଗାରୁ ରାତି ପ୍ରାୟ ୧୦.୫୪ରେ ଜେଲ ୱାର୍ଡ଼ ନଂ ୩(ପି)ର ସିସି କ୍ୟାମେରାରେ କଳା କନା ଘୋଡ଼ାଇବାକୁ ନେଇ ଜେଲ କର୍ମଚାରୀଙ୍କ ସହ ପାଟିତୁଣ୍ଡ ହୋଇଥିଲା। ଅଭିଯୁକ୍ତମାନେ ଜେଲ ୱାର୍ଡର ବିଜୟ କୁମାର ଓ ଅନ୍ୟମାନଙ୍କୁ ଗାଳିଗୁଲଜ କରିବା ସହିତ ବିଜୟ କୁମାର ଓ ଆସିଷ୍ଟାଂଟ ସର୍ଜଂଟ ତାରିଣୀ ମଲିକଙ୍କୁ ମାଡ଼ ମାରିଥିଲେ। ଏନେଇ ବିଜୟ କୁମାର ରାୟଗଡ଼ା ଟାଉନ ଥାନାରେ ଏକ ଏତଲା ଦେଇଥିଲେ। ଉକ୍ତ ଏତଲାକୁ ଆଧାରରେ ପୋଲିସ ତଦନ୍ତ କରି ମାମଲା କୋର୍ଟକୁ ପଠାଇଥିଲା। ଏହି ମାମଲାର ବିଚାର କରି ଜଜ୍ ବର୍ଷା ଦାସ ଅଭିଯୁକ୍ତଙ୍କୁ କାରାଦଣ୍ଡାଦେଶ ଶୁଣାଇଥିଲେ। ସରକାରୀ ଆଇନଜୀବୀଭାବେ ସଚ୍ଚିଦାନନ୍ଦ ଖାଡ଼ଙ୍ଗା ଓ ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ ନବକୁମାର କଂଟା ମାମଲା ପରିଚାଳନା କରୁଥିଲେ।

# ମୁଖ୍ୟରାସ୍ତାରୁ ହଟାଗଲା ଜବରଦଖଲ

ନନ୍ଦାହାଣ୍ଡି,୧୭।୧୦ (ପ୍ରତୀପ କୁମାର ଦାଶ)



ଜବର ଦଖଲ ଉଚ୍ଛେଦ କରାଯାଉଛି।

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକରେ ପୂର୍ତ୍ତ ବିଭାଗ ପକ୍ଷରୁ ରାସ୍ତା ପ୍ରଶସ୍ତିକରଣ କାର୍ଯ୍ୟ କରାଯାଉଛି। ସରୁଗୁଡା ଓ ସାଗରମୁଣ୍ଡା ଦୁଇଟି ଗ୍ରାମ ମୁଖ୍ୟ ରାସ୍ତା ଉପରେ ଜବରଦଖଲ ଯୋଗୁ ରାସ୍ତା କାମରେ ବିଳମ୍ବ ହେଉଥିବାରୁ କିଛି ମାସ ପୂର୍ବରୁ ଜବରଦଖଲ ରୁ ହଟିବା ପାଇଁ ନନ୍ଦାହାଣ୍ଡି ତହସିଲ ପକ୍ଷରୁ ନୋଟିସ ଜାରି କରାଯାଇଥିଲା। ମଙ୍ଗଳବାର ପ୍ରଶାସନ ଏହି ଜବରଦଖଲ ଉଚ୍ଛେଦ କରାଇଛି। ଏହି ଉଚ୍ଛେଦ ସମୟରେ ପ୍ରଶାସନ ପକ୍ଷରୁ ନନ୍ଦାହାଣ୍ଡି ତହସିଲଦାର ବନମାଳୀ ମେହେର, ନବରଙ୍ଗପୁର ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରଫୁଲ୍ଲ ମିଶ୍ର, ରାଜସ୍ୱ ପରିଦର୍ଶକ ମହମ୍ମଦ ଜାଭେଦ ଅଖତର, ରାଜସ୍ୱ ନିରୀକ୍ଷକ ବିଶ୍ୱଜିତ ଦାଶ, ଦୀନକୃଷ୍ଣ ବେହେରା, ସୁଚିତ୍ରା ମାଝି, ଅମିନ ପ୍ରଦୀପ ବିଷୋୟୀ ଉପସ୍ଥିତ ଥିଲେ। ଏଥିସହ ଆଇନ ଶୃଙ୍ଖଳା ପରିସ୍ଥିତି ବଜାୟ ରଖିବା ପାଇଁ ଡଙ୍ଗରଭେଜା ଫାଣ୍ଡି ଅଧିକାରୀ ଗୁଣନିଧି ବାଘଙ୍କ ସମେତ ନବରଙ୍ଗପୁର ପୋଲିସ ପ୍ରଶାସନ ପକ୍ଷରୁ ସବ ଇନ୍ସପେକ୍ଟର କୂଳଭୂଷଣ ନାୟକ ଏବଂ ୨୫ ଜଣ କର୍ମଚାରୀ ଉପସ୍ଥିତ ଥିଲେ । ଉଭୟ ଗ୍ରାମର ଲୋକେ ସମ୍ପୂର୍ଣ୍ଣ ସହଯୋଗ କରିଥିବାରୁ ଶାନ୍ତିପୂର୍ଣ୍ଣଭାବେ ଉଚ୍ଛେଦ କାର୍ଯ୍ୟ ଶେଷ ହୋଇଛି।

# ୨୪୦ଫୁଟ୍‌ର ଟାୱାର ଉପରେ ଚଢ଼ିଗଲେ ଯୁବକ

ଡାବୁଗାଁ, ୧୭।୧୦ (ପ୍ରଜ୍ଞାରଞ୍ଜନ ପରିଡ଼ା)



ନବରଙ୍ଗପୁର ଜିଲା ଡ଼ାବୁଗାଁ ବ୍ଲକ ସଦରମହକୁମା ମୁଖ୍ୟ ରାସ୍ତା କଡ଼ରେ ଥିବା ଏକ ମୋବାଇଲ ଟାୱାର ଉପରେ ଚଢ଼ି ଯାଇଥିଲେ। ତାଙ୍କୁ ଉଦ୍ଧାର କରିବାକୁ ଅଗ୍ନିଶମ କର୍ମଚାରୀ ଓ ପୋଲିସକୁ ନାକେଦମ ହେବାକୁ ପଡ଼ିଥିଲା।

ସୂଚନାନୁଯାୟୀ, ଡାବୁଗାଁ ଗ୍ରାମର ମାନସ ନାୟକ(୨୫) ନିଶାସକ୍ତ ଅବସ୍ଥାରେ ମଙ୍ଗଳବାର ଦିନ ୨ଟାରେ ୨୪୦ ଫୁଟ ଉଚ୍ଚ ଟାୱାର ଉପରେ ଚଢ଼ି ଯାଇଥିଲେ। ଖବରପାଇ ଥାନା ସବ୍‌ଇନ୍ସପେକ୍ଟର ବିଜୁରାମ ବାଗ, ଏଏସଆଇ ଗୋପାଳକୃଷ୍ଣ ହାଲୱା, ସୀମାଞ୍ଚଳ ମହାରଣା ଓ ଚନ୍ଦ୍ରଶେଖର ହଜାରୀଙ୍କ ସମେତ ଦମକଳ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ବହୁ ସମୟ ଧରି ଯୁବକଙ୍କୁ ଉଦ୍ଧାର କରିବାକୁ ସେମାନେ ଚେଷ୍ଟା କରିଥିଲେ। ସନ୍ଧ୍ୟା ୬ଟାରେ ମାନସ ଟାୱାରରୁ ତଳକୁ ଆସିଥିଲେ। ଏହାପରେ ପୋଲିସ ତାଙ୍କୁ କାବୁ କରି ଥାନାକୁ ନେଇ ତଦନ୍ତ କରୁଛି। ପ୍ରକାଶ ଯେ, ପୂର୍ବରୁ ମଧ୍ୟ ଯୁବକ ଜଣକ ଗୋଟିଏ ବଡ଼ ଗଛ ଉପରେ ଚଢ଼ି ଯାଇଥିଲେ। ସେତେବେଳେ ତାଙ୍କୁ ପୋଲିସ ଓ ଦମକଳ ବାହିନୀ ଉଦ୍ଧାର କରିଥିଲା।

# ଡାବୁଗାଁରେ ଶିଶୁ ମହୋତ୍ସବ ସୁରଭି


ଅତିଥିଙ୍କ ସହ କୃତୀ ପ୍ରତିଯୋଗୀମାନେ।

ଡାବୁଗାଁ, ୧୭।୧୦ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଓ ମିଲେଟ ପ୍ରତିଯୋଗିତା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିତର୍କ, ପ୍ରବନ୍ଧ, ଚିତ୍ରାଙ୍କନ, କୁଇଜ, ବକ୍ତୃତା, ସଙ୍ଗୀତ, ସୃଜନଶୀଳ ଲିଖନ, ଶ୍ରୁତଲିଖନ ଓ ସୁନ୍ଦର ହସ୍ତାକ୍ଷର, ମଧ୍ୟାହ୍ନ ଭୋଜନ ଆର୍ଟ, ଭିନ୍ନକ୍ଷମ ଚିତ୍ରାଙ୍କନ, ମିଲେଟ କୁଇଜ, ମିଲେଟ ପ୍ରବନ୍ଧ, ମିଲେଟ ବକ୍ତୃତା ଓ ନୃତ୍ୟ ଭଳି ୨୪ଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏଥିରେ କନିଷ୍ଠ ଓ ବରିଷ୍ଠ ବିଭାଗରେ ପ୍ରତିଯୋଗିତା କରାଯାଇଛି। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ନୃତ୍ୟରେ ବଡଓଲମା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ (୧ମ), ଝାଲିଆଗୁଡା ପ୍ରାଥମିକ ବିଦ୍ୟାଳୟ (୨ୟ) ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛି। ପ୍ରଥମ ସ୍ଥାନ ଅଧିକାର କରିଥିବ ଛାତ୍ରୀଛାତ୍ର ଜିଲାସ୍ତରୀୟ ଶିଶୁ ମହୋତ୍ସବରେ ଭାଗ ନେବେ। ବିଇଓ ଶିବଶଙ୍କର ମଣ୍ଡଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଡାବୁଗାଁ ବିଡିଓ ଶରତ ମାଝି ମୁଖ୍ୟ ଅତିଥି, ଜିଲା ପରିଷଦ ସଭ୍ୟ ଗୁପ୍ତ ବିଷୋୟୀ, ବିଧାୟକ ପ୍ରତିନିଧି ଏମ୍. ବୁଲୁ ରାଓ, ଏମ୍‌ପିଙ୍କ ପ୍ରତିନିଧି ଏମ୍. ଆପ୍ପା ରାଓ, ପୂର୍ବତନ ଜିଲା ପରିଷଦ ସଭ୍ୟ ବିଜୟ ବେହେରା, ଏବିଇଓ ଭଗବାନ ମାଝି, ସନ୍ତୋଷ କୁମାର ସାହୁ ଓ ଦେବରାଜ ଗୋପାଳ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରସନ୍ନ ଦଣ୍ଡସେନା, ଧନଞ୍ଜୟ ବଡଜେନା, ହେମନ୍ତ ପଣ୍ଡା, ଗୁପ୍ତ ପ୍ରସାଦ ନାଗ, ହେମେନ୍ଦ୍ରନାଥ ବେହେରା, ପିଙ୍କି କୁମାରୀ ଗୁପ୍ତା ଓ ଗୀତାଞ୍ଜଳୀ ବସ୍ତିଆ ପ୍ରମୁଖ ପରିଚାଳନା କରିଥିଲେ।

## ଯୁକ୍ତ ୩ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଡାବୁଗାଁ, ୧୭।୧୦ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ଭୈରବ ସ୍ନାତକ ମହାବିଦ୍ୟାଳୟରେ ଯୁକ୍ତ ତିନି ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ମଙ୍ଗଳବାର ପାଳିତ ହୋଇଛି। ଭୈରବ ସ୍ନାତକ ମହାବିଦ୍ୟାଳୟ ଅଧକ୍ଷ ଶଙ୍କର ପ୍ରସାଦ ଗନ୍ତାୟତ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ବୁଧବାର ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ଦୁଇଜଣ ଛାତ୍ର ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ତରଫରୁ ରାଷ୍ଟ୍ରପତିଙ୍କ ଦ୍ୱାରା ଦିଲ୍ଲୀରେ ସମ୍ମାନିତ ହେବେ। କଲେଜର ୨୦୨୧ ମସିହାରେ ଶତ ପ୍ରତିଶତ ଫଳାଫଳକୁ ନେଇ ବିଶ୍ୱବିଦ୍ୟାଳୟରେ ଗୌରବ ଅର୍ଜନ କରିଥିବାରୁ ମୁଁ ଗର୍ବିତ ବୋଲି ସେ ନିଜ ବକ୍ତବ୍ୟରେ କହିଥିଲେ। ନୂତନଭାବେ ନାମ ଲେଖାଇଥିବା ଛାତ୍ରୀଛାତ୍ର ଭଲ




ପାଠ ପଢି ଆଗକୁ ଜଣେ ସୁନାଗରିକ ହେବାକୁ ସେ କହିଛନ୍ତି। ଛାତ୍ରୀଛାତ୍ର ଭଲ ପାଠ ପଢିବା, ଏନ୍‌ସିସି, ଏନ୍‌ଏସ୍‌ଏସ୍ ଓ ରେଡକ୍ରସରେ ସାମିଲ ହୋଇ ସମସ୍ତ କ୍ଷେତ୍ରରେ ପାରଦର୍ଶିତା ହାସଲ କରି ଜିଲାରେ ଗୌରବ ଅର୍ଜନ କରିବାକୁ ସେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଏଥିରେ ଓଡ଼ିଆ ବିଭାଗୀୟ ମୁଖ୍ୟ ଚନ୍ଦନା ପଣ୍ଡା, ଇତିହାସ ବିଭାଗୀୟ ମୁଖ୍ୟ ପୁଷ୍ପାଞ୍ଜଳି ସାହୁ, ଅର୍ଥନୀତି ଅଧ୍ୟାପକ ସନ୍ୟାସୀ ସାହୁ, ରାଜନୀତି ବିଜ୍ଞାନ ବିଭାଗୀୟ ଅଧ୍ୟାପକ ମେକ୍ସ ନାୟକ, ଇତିହାସ ବିଭାଗୀୟ ଅଧ୍ୟାପକ ଦୟାରାମ ମନୋହର, ଓଡ଼ିଆ ବିଭାଗୀୟ ଅଧ୍ୟାପିକା ମନିସା ସରକାର ଓ ଇଂରାଜୀ ବିଭାଗୀୟ ଅଧ୍ୟାପକ ମହେନ୍ଦ୍ର ଦେବରପଲ୍ଲୀଙ୍କ ସହ ମହାବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ଉପସ୍ଥିତି ଥିଲେ। କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟ ଯୁକ୍ତ ତିନି ଦ୍ୱିତୀୟ ଓ ତୃତୀୟ ବର୍ଷର ଛାତ୍ରୀଛାତ୍ର ଆୟୋଜନ କରିଥିଲେ। ଭୈରବ ସ୍ନାତକ ମହାବିଦ୍ୟାଳୟର ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ଭାଜପାର ମିଶ୍ରଣ ପର୍ବ


ଭାଜପା ନେତାଙ୍କ ସହ ଦଳରେ ସାମିଲ ହୋଇଥିବା ନୂତନ ସଦସ୍ୟମାନେ।

ନନ୍ଦାହାଣ୍ଡି,୧୭।୧୦ (ପ୍ରତୀପ କୁମାର ଦାଶ)

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ଦହଣାରେ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ ଅବସରରେ ନାମ ସଂକୀର୍ତ୍ତନ କରାଯାଇଛି। ଏଥିସହ ପ୍ରତ୍ୟେକ ଘରୁ ମାଟି ସଂଗ୍ରହ କରାଯାଇଥିଲା। ମାଟି ସଂଗ୍ରହ ପରେ ସ୍ଥାନୀୟ ଷ୍ଟାଡିୟମ ପଡିଆରେ ଭାଜପାର ଏକ ମିଶ୍ରଣ ପର୍ବ କରାଯାଇଛି। ଭାଜପା ନେତା ଗୌରୀ ଶଙ୍କର ମାଝିଙ୍କ ଉପସ୍ଥିତିରେ ବିଭିନ୍ନ ଦଳ ଛାଡ଼ି ୩୦ରୁ ଊର୍ଦ୍ଧ୍ୱ କର୍ମୀ ଦଳରେ ମିଶିଥିଲେ। ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଗସ୍ତ ସମୟରେ ଦଳରେ ମିଶିଥିବା ଜ୍ୟୋତିର୍ମୟ ତ୍ରିପାଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମଣ୍ଡଳ ସଭାପତି କୃଷ୍ଣ ନାୟକ, ପରେଶ ଦାଶ, ବିଧାନସଭା ସଂଯୋଜକ ଜ୍ୟୋତି ରଞ୍ଜନ କଂସ , ମିଡ଼ିଆ ସଂଯୋଜକ ଦେବଦାସ ମହାକୁଡ, ସୌମ୍ୟକାନ୍ତ ତ୍ରିପାଠୀ, ଦେବୀ ପ୍ରସାଦ ମହାପାତ୍ର, ସନାତନ ତ୍ରିପାଠୀ, ମଣ୍ଡଳ ସାଧାରଣ ସମ୍ପାଦକ ଶ୍ରୀନିବାସ ଶତପଥୀ ଓ ରାମ ବିଷୋୟୀ, ଶୁଭେନ୍ଦୁ ସାମନ୍ତରାୟ ଉପସ୍ଥିତ ଥିଲେ।

# ଦୁର୍ଗାପୂଜା ପ୍ରସ୍ତୁତି ବୈଠକ

ପାପଡ଼ାହାଣ୍ଡି ୧୭।୧୦ (ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡିରେ ଦୁର୍ଗା ପାପଡ଼ାହାଣ୍ଡି ଥାନା ପରିସରରେ ଦୁର୍ଗା ପୂଜା ପ୍ରସ୍ତୁତି ବୈଠକ କରାଯାଇଛି। ଥାନାଧିକାରୀ ଦୀପକ କୁମାର ଜେନା, ତହସିଲଦାର ଯୋଗେଶ୍ୱର ଭୋଇ, ବିଡିଓ ଦୁର୍ଯ୍ୟୋଧନ ଭୋଇ, ଏସ୍‌ଡିପିଓ ଆଦିତ୍ୟ ସେନ, ବିଦ୍ୟୁତ୍ ବିଭାଗ ଯନ୍ତ୍ରୀ ସନ୍ତୋଷ ପଣ୍ଡା, ଅଗ୍ନିଶମ ଆଇଆଇସି ଦେବଚରଣ ଶବର, ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ ବେହେରା, ସେକେଣ୍ଡ ଅଫିସର ଶିବାଜୀ ପଣ୍ଡା ମଞ୍ଚାସୀନ ଥିଲେ। ପାପଡ଼ାହାଣ୍ଡି ସାର୍ବଜନୀନ ଦୁର୍ଗାପୂଜା କମିଟି ବସଷ୍ଟାଣ୍ଡ ଏବଂ ପାପଡ଼ାହାଣ୍ଡି ଦୁର୍ଗାପୂଜା କମିଟି ସଦସ୍ୟ ଉପସ୍ଥିତ ଥିଲେ। ବସ୍ ସବୁ ନବରଙ୍ଗପୁର ଚିକିଲି ଛକରୁ ମନ୍ତ୍ରୀଗୁଡା ହୋଇ ମୋକିଆ ଏବଂ ଜଟାବାଲ ବାହାରି ଉମରକୋଟ ଯିବେ। ଅନୁରୂପ ଭାବେ ଉମରକୋଟରୁ ନବରଙ୍ଗପୁରକୁ ଏହି ରାସ୍ତା ଦେଇ ଆସିବେ। ସେହିଭଳି ନବରଙ୍ଗପୁର ଚିକିଲି ଛକରୁ ଡକ୍ରିବେଡା, ମିରିଗୁଡା, ଦଳେଇଗୁଡ଼ା ଦେଇ କଳାହାଣ୍ଡି ଯିବାକୁ ହେବ। ଅନୁରୂପଭାବେ କଳାହାଣ୍ଡିରୁ ନବରଙ୍ଗପୁରକୁ ସେହି ରାସ୍ତା ଦେଇ ଯାନବାହାନ ଯାତାୟତ କରିବ। ନବରଙ୍ଗପୁରରୁ ଆସୁଥିବା ଲୋକେ ଆଦିବାସୀ ମ୍ୟୁଜିୟମ ପାଖରେ, କୋଡ଼ିଙ୍ଗା ରାସ୍ତାରେ ତଣ୍ଡାଗୁଡା, କଳାହାଣ୍ଡିରୁ ଆସୁଥିବା ଲୋକେ ଦଳେଇଗୁଡ଼ା, ଉମରକୋଟ ଆଡୁ ଆସୁଥିବା ଲୋକେ ସୁନାଡାଙ୍ଗାରିରେ ଗାଡ଼ି ରଖିବେ। ଅନ୍ୟତ୍ର ପାର୍କିଂ କଲେ ଜରିମାନା ଦେବାକୁ ପଡ଼ିବ। ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ତଣ୍ଡାଗୁଡା ପାଖ ପଡିଆ ଏବଂ ପାପଡ଼ାହାଣ୍ଡି ଦୁର୍ଗାପୂଜା କମିଟି ପକ୍ଷରୁ ଭୈରବୀ ମନ୍ଦିର ପାଖ ପଡିଆରେ ରାବଣ ପୋଡି କରାଯିବ। ବୈଠକରେ ୨ପୂଜା କମିଟି ସଭାପତି ବି. ଜଗନମହନ ରାଓ, ଜି. ଅନନ୍ତ ମୂର୍ତ୍ତିଙ୍କ ସହ ଆଇନଜୀବୀ ସ୍ୱାଧୀନ ପଟ୍ଟନାୟକ, ଶଙ୍କର ବିଷୋୟୀ, ତ୍ରିନାଥ ପ୍ରଧାନ, ରାଜକିଶୋର ରାଓ, ହରି ପାଣିଗ୍ରାହୀ, ସିଲୁ ଲେଙ୍କା, ଅଶ୍ୱିନୀ ପଟ୍ଟନାୟକ, ସୀମାଦ୍ରୀ ରାଓ, ଦେବାଶିଷ ନାୟକ, ପୀତବାସ ଭତରା, ସୂର୍ଯ୍ୟ ଭତରା, ଜଷ୍ଟି ପାତ୍ର ଓ ମହେନ୍ଦ୍ର ବିଷୋୟୀ ପ୍ରମୁଖ ଉପସ୍ଥିତ ଥିଲେ।

# ଡିଏଲ୍‌ଏସ୍‌ଏର ଆଇନ ସଚେତନତା ଶିବିର



ଶିବିରରେ ଜିଲାପାଳ, ଡିଏଲ୍‌ଏସ୍‌ଏ ସଦସ୍ୟଙ୍କ ସହ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ନବରଙ୍ଗପୁର,୧୭।୧୦(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ଆଇନ ସେବା ପ୍ରାଧିକାରଣ (ଡିଏଲ୍‌ଏସ୍‌ଏ) ପକ୍ଷରୁ ମିଶନ ଶକ୍ତି ସମ୍ମିଳନୀ କକ୍ଷରେ କର୍ମ କ୍ଷେତ୍ରରେ ମହିଳାଙ୍କୁ ଯୌନ ନିର୍ଯାତନା (ପ୍ରତିରୋଧ, ନିଷେଧ ଏବଂ ପ୍ରତିକାର) ସମ୍ପର୍କରେ ଏକ ଆଇନ ସଚେତନତା ଶିବିର କରାଯାଇଛି। ଡିଏଲ୍‌ଏସ୍‌ଏ ଅଧକ୍ଷ ତଥା ଜିଲା ଦୌରାଜଜ୍ ସଞ୍ଜୀବ ଦୁବେଙ୍କ ନିର୍ଦ୍ଦେଶ କ୍ରମେ ଜିଲାପାଳଙ୍କ କାର୍ଯ୍ୟାଳୟ କର୍ମଚାରୀଙ୍କୁ ନେଇ ଏହି ଶିବିର ଆୟୋଜିତ ହୋଇଛି। ଅତିଥିଭାବେ ପରିବାର ବିଚାର ବିଭାଗୀୟ ଜଜ୍ ଡ. ମୁନରାନୀ ମିଶ୍ର, ଜିଲାପାଳ କମଳଲୋଚନ ମିଶ୍ର ଓ ଅତିରିକ୍ତ ଜିଲା ଜଜ୍ (ପୋକ୍‌ସୋ ଆକ୍ଟ) ପ୍ରଣତୀ ସାହା ମଞ୍ଚାସୀନ ଥିଲେ। ଅତିଥିମାନେ ନିଜ ମତ ରଖିଥିଲେ। ଡିଏଲ୍‌ଏସ୍‌ଏ ସଚିବ ଜନକ ରାଉତ, ଅତିରିକ୍ତ ଜିଲାପାଳ ମହେଶ୍ୱର ଚନ୍ଦ୍ର ନାୟକ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବଟକୃଷ୍ଣ ମିଶ୍ର ଏବଂ ମନୋରମା ମାଝି ପ୍ରମୁଖ ଜିଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀଙ୍କୁ ଆଲୋଚ୍ୟ ଶୀର୍ଷକର ବିଭିନ୍ନ ଆଇନ ଉପରେ କହିଥିଲେ। ସଚିବ ଜନକ ରାଉତ ଏହି ତାଲିମ ଶିବିର ପରିଚାଳନା କରିଥିଲେ।

# ଶାଗୁଆନ କାଠଗଣ୍ଡି ଜବତ, ୨ ଗିରଫ

ପାପଡାହାଣ୍ଡି/ମଇଦଲପୁର,୧୭।୧୦ (ସ୍ୱପ୍ନଜିତ ପଟ୍ଟନାୟକ/ସଦାଶିବ ଦାସ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ମଇଦଲପୁର ଓ ଡାବୁଗାଁ ବନବିଭାଗ ମିଳିତ ଭାବେ ମଙ୍ଗଳବାର ୨୦ କାଠଗଣ୍ଡି ସହ ଚାଲାଣରେ ବ୍ୟବହୃତ ହୋଇଥିବା ପିକ୍‌ଅପ ଗାଡିକୁ ଜବତ



କରିଛନ୍ତି। ଘଟଣାରେ ସମ୍ପୃକ୍ତ ୨ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଡାବୁଗାଁର ବେଣୁ ହରିଜନ ଓ ପାତ୍ରୀ ଗ୍ରାମର ପ୍ରମୋଦ ହରିଜନ।

ସୂଚନାନୁଯାୟୀ ବଟକରି ଗ୍ରାମରୁ ଏକ ପିକଅପ (ଓଆର୍-୨୪ବି-୪୮୩୦)ରେ ଅଭିଯୁକ୍ତମାନେ କାଠଗଣ୍ଡି ନେଇ ପାତ୍ରୀ ଗାଁକୁ ଯାଉଥିଲେ। ବିଶେଷ ସୂତ୍ରରୁ ଖବରପାଇ ମଇଦଲପୁର ଓ ଡାବୁଗାଁ ବନବିଭାଗ ମିଳିତଭାବେ ଦହଡାମାଲ ଛକ ନିକଟରେ ଚଢ଼ାଉ କରିଥିଲେ। ବନ କର୍ମଚାରୀ ପିକ୍‌ଅପ ଓ କାଠକୁ ଜବତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ଜବତ ହୋଇଥିବା ଶଗୁଆନ କାଠର ମୂଲ୍ୟ ଏକ ଲକ୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ବନବିଭାଗ ପକ୍ଷରୁ ସୂଚନା ମିଳିଛି। ଏହି ଚଢ଼ାଉ ସମୟରେ ଡାବୁଗାଁ ବନାଞ୍ଚଳ ଅଧିକାରୀ ତଡିତ କୁମାର ସ୍ୱାଇଁ, ଡାବୁଗାଁ ଫରେଷ୍ଟର ଉମାକାନ୍ତ ପଟ୍ଟନାୟକ, ମଇଦଲପୁର ଫରେଷ୍ଟର ମଧୁସୂଦନ ପାତ୍ର, ପ୍ରକାଶ ବାବୁ, ଉମାଶଙ୍କର ମିଶ୍ର, କାର୍ତ୍ତିକ ମାଝି, ମନୋରଞ୍ଜନ ନାୟକ, ରମାକାନ୍ତ ସାହୁ, ବସନ୍ତ କୁମାର ନାୟକ, ବୈଦନାଥ ମାଝି, ଝାଡେଶ୍ୱର ହରିଜନ ପ୍ରମୁଖ ସାମିଲ ଥିଲେ। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ବନବିଭାଗ ପକ୍ଷରୁ ସୂଚନା ମିଳିଛି।

# ଅନ୍ତର୍ନିହିତ ପ୍ରତିଭାର ବିକାଶ କରିବାକୁ ପରାମର୍ଶ

**ନବରଙ୍ଗପୁର ମହାବିଦ୍ୟାଳୟ ରେ କ୍ରୀଡା, ସାହିତ୍ୟ ଓ ସାଂସ୍କୃତିକ ବିଚିତ୍ରା**

ନବରଙ୍ଗପୁର,୧୭।୧୦(ସଦାଶିବ ପ୍ରହରାଜ)

ଓଡ଼ିଶା ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗର ନିର୍ଦ୍ଦେଶ କ୍ରମେ ନବରଙ୍ଗପୁର ମହାବିଦ୍ୟାଳୟରେ ସ୍ନାତକ ଛାତ୍ରୀଛାତ୍ରଙ୍କୁ ନେଇ କ୍ରୀଡ଼ା, ସାହିତ୍ୟ ସାଂସ୍କୃତିକ ବିଚିତ୍ରା କାର୍ଯ୍ୟକ୍ରମ କରାଯାଇଛି। ମହାବିଦ୍ୟାଳୟର ପ୍ରାୟ ଦୁଇଶହ ସ୍ନାତକ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ସହ ପ୍ରାୟ ପାଞ୍ଚଶହ ଛାତ୍ରୀଛାତ୍ର କାର୍ଯ୍ୟକ୍ରମ ଗୁଡ଼ିକୁ ଉପଭୋଗ କରିଥିଲେ। କାର୍ଯ୍ୟକ୍ରମ ଯୋଗୁ ଅନେକ ନୂଆ ପ୍ରତିଭାଙ୍କର ଉନ୍ମେଷ ହୋଇଛି। ପରବର୍ତ୍ତୀ ସମୟରେ ଛାତ୍ରୀଛାତ୍ର ନିଜ ଅନ୍ତର୍ନିହିତ ପ୍ରତିଭାର ବିକାଶ କରନ୍ତୁ ବୋଲି ଅଧକ୍ଷ ଡ଼ଃ ଭାସ୍କର ନାଥ ବିଶ୍ୱାଳ ଆହ୍ୱାନ ଦେଇଥିଲେ। ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗୀତାରେ ବିଶେଷ ଅତିଥି ଭାବେ ଭାରପ୍ରାପ୍ତ ଅଧକ୍ଷ ଯୋଗଦେଇ ଛାତ୍ରୀଛାତ୍ର କଲେଜ ଜୀବନରେ



ଜଣେ ଛାତ୍ରୀ ନୃତ୍ୟ ପରିବେଷଣ କରୁଛନ୍ତି।

ନିଜ ପ୍ରତିଭାର ବିକାଶର ସୁଯୋଗକୁ ଉପଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଅଧ୍ୟାପକ ଦିଲ୍ଲୀପ ହୋତା, ଶମ୍ଭୁ ପ୍ରାସାଦ ହୋତା, ଡଃ ନନ୍ଦିତା ମିଶ୍ର, ପ୍ରିୟବ୍ରତ ସାହୁ, ବ୍ରିଜଲାଲ ଗଣ୍ଡ, ଘାସିରାମ ବେହେରା, ମହମ୍ମଦ ଜାହାଙ୍ଗୀର, ମାନସୀ ମହାପାତ୍ର, ସଞ୍ଜୁକ୍ତା ପାଙ୍ଗି, ଅଧ୍ୟାପିକା ରଜନୀ ମିଞ୍ଜ, କୃଷ୍ଣଚନ୍ଦ୍ର ପଣ୍ଡା ପ୍ରମୁଖ ପ୍ରତିଯୋଗୀତା ପରିଚାଳନା କରିଥିଲେ। ପ୍ରଶାନ୍ତ ମିଶ୍ର, ଅଶୋକ ପାତ୍ର, ରାଜନ୍ ତ୍ରିପାଠୀ, ବନ ଭାଇ, ସାଇ ଭାଇ ମଞ୍ଚ ସଜାରେ ସହଯୋଗ କରିଥିଲେ। ଅଧକ୍ଷ ଡଃ ଭାସ୍କର ନାଥ ବିଶ୍ୱାଳଙ୍କ ନିର୍ଦ୍ଦେଶରେ ସାହିତ୍ୟ, ସାଂସ୍କୃତିକ ଓ କ୍ରୀଡା ସଂସଦ ଦାୟିତ୍ୱରେ ଥିବା ଅଧ୍ୟାପିକା ଅଧ୍ୟାପକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

